# ଡ୍ରେନେଜ୍ ବ୍ୟବସ୍ଥା, ଭତ୍ତା ପ୍ରଦାନକୁ ଗୁରୁତ୍ୱ

## ସରିଲା ଷ୍ଟାଣ୍ଡିଂ କମିଟି ବୈଠକ

- ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା
- ୧୦ରେ ବିଏମ୍‌ସିର ପ୍ରଥମ କର୍ପୋରେଶନ ବୈଠକ

ଭୁବନେଶ୍ୱର, ୭।୬(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ସମସ୍ତ ଷ୍ଟାଣ୍ଡିଂ କମିଟି ବୈଠକ ଶେଷ ହୋଇଛି। ଶେଷ ଦିନ ଅର୍ଥାତ୍ ମଙ୍ଗଳବାର କନ୍‌ଷ୍ଟ୍ରାକ୍ଟସ୍ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କମିଟିର ଅଧ୍ୟକ୍ଷା ମେୟର ସୁଲୋଚନା ଦାସଙ୍କ ନେତୃତ୍ୱରେ ବିଭିନ୍ନ ଯୋଜନା ତଥା ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗକୁ ବର୍ଷାଋତୁ ଆସୁଥିବାରୁ ଡ୍ରେନେଜ୍ ବ୍ୟବସ୍ଥା, ବର୍ଷାଜଳ ନିଷ୍କାସନ, ଜଳବନ୍ଦୀ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଦୀର୍ଘଦିନ ଧରି ବିଏମ୍‌ସିର ପୂର୍ବତନ କର୍ମଚାରୀଙ୍କ ଭତ୍ତା ସମ୍ପର୍କିତ ଅସୁବିଧାକୁ ତୁରନ୍ତ ସମାଧାନ କରିବା ପାଇଁ କାର୍ଯ୍ୟପନ୍ଥା ଗ୍ରହଣ ନେଇ ଆଲୋଚନା ହୋଇଥିଲା। ବୈଠକରେ କମିଟିର ସଦସ୍ୟ ତଥା ୫୬ନଂ. ୱାର୍ଡ କର୍ପୋରେଟର କେ.ଶାନ୍ତି, ୨୬ନଂ. ୱାର୍ଡ କର୍ପୋରେଟର ଭାରତୀ ସିଂ ଏବଂ ୩୪ ନଂ. ୱାର୍ଡ କର୍ପୋରେଟର ପୁଷ୍ପାଞ୍ଜଳି ସେଠୀ ଉପସ୍ଥିତ ଥିଲେ। ଏମାନଙ୍କ ବ୍ୟତୀତ ଅନ୍ୟ କର୍ପୋରେଟର ଯଥା ବିରଞ୍ଚି ନାରାୟଣ ମହାସୁପକାର, ଅମରେଶ ଜେନା, ମହାମାୟା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ କମିଟିର ବୈଠକ ଶେଷ ହୋଇଥିବାରୁ ୧୦ ତାରିଖରେ ବିଏମ୍‌ସିର ପ୍ରଥମ କର୍ପୋରେଶନ ବୈଠକ ବସିବ। ଏଥିରେ ଷ୍ଟାଣ୍ଡିଂ କମିଟି ଦେଇଥିବା ବିଭିନ୍ନ ପ୍ରସ୍ତାବକୁ ଆଧାର କରି ନିଷ୍ପତ୍ତି ନିଆଯିବ।

ଅପରପକ୍ଷେ ଷ୍ଟାଣ୍ଡିଂ କମିଟିର ଗୁରୁତ୍ୱକୁ ନେଇ କେତେଜଣ ସଦସ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସଂଶୋଧିତ ସିପିଡବ୍ଲ୍ୟୁଡି କୋଡ୍ ଅନୁଯାୟୀ, ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ହେଲେ ତାହା ଷ୍ଟାଣ୍ଡିଂ କମିଟି ଏବଂ ମେୟରଙ୍କ ପାଖକୁ ଆସିବ। ୧କୋଟିରୁ କମ୍ ହେଲେ ତାହା କମିଶନର ଡିଲ୍ କରିବେ। ବିଏମ୍‌ସିରେ ୧କୋଟିରୁ ଊର୍ଦ୍ଧ୍ୱ ପ୍ରକଳ୍ପ କ୍ୱଚିତ୍ ଆସିଥାଏ। ତେଣୁ ଏଥିରେ ଷ୍ଟାଣ୍ଡିଂ କମିଟିର ଭୂମିକା କିଛିନାହିଁ। ଏହା କେବଳ ଏକ ରବରଷ୍ଟାମ୍ପ ହୋଇ ରହିଯିବ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୧ ତାରିଖରୁ ଷ୍ଟାଣ୍ଡିଂ କମିଟି ବୈଠକ ଆରମ୍ଭ ହୋଇଥିଲା। ୫ତାରିଖ ରବିବାରକୁ ଛାଡ଼ି ୬ଦିନ ମଧ୍ୟରେ ସମସ୍ତ କମିଟିର ବୈଠକ ଶେଷ ହୋଇଛି। ୬୭ଟି ୱାର୍ଡର ନିର୍ବାଚିତ କର୍ପୋରେଟରଙ୍କୁ ନେଇ ୧୦ଟି ଷ୍ଟାଣ୍ଡିଂ କମିଟି ଗଠିତ ହୋଇଛି। ୯ଟି କମିଟିରେ ୭ଜଣ ଲେଖାଏ ସଦସ୍ୟ ଥିବାବେଳେ ମେୟରଙ୍କ ଅଧ୍ୟକ୍ଷତାରେ ଥିବା କନ୍‌ଷ୍ଟ୍ରାକ୍ଟସ୍ କମିଟିରେ ୩ଜଣ ସଦସ୍ୟ ରହିଛନ୍ତି।

## ସଂକ୍ଷେପରେ

### ବେଆଇନ ନିର୍ମାଣ ଭାଙ୍ଗିବାକୁ ନୋଟିସ

ବାଲିପାଟଣା,୭।୬(ଡି.ଏନ୍.ଏ.): ବାଲିପାଟଣା ଓ ନରଦା ନିକଟ ନିଶ୍ଚିନ୍ତପୁରରେ ସର୍ବସାଧାରଣ ରାସ୍ତାରୁ ଦୁଇଟି ବେଆଇନ ଗୃହ ଭଙ୍ଗାଯିବା ପରେ ଟ୍ରାଫିକ ଜାମ ରହୁଥିବା ବନମାଳୀପୁର ବଜାରରେ ବେଆଇନ ନିର୍ମାଣ ଗୃହ ଭାଙ୍ଗିବା ପାଇଁ ନୋଟିସ ଜାରି ହୋଇଛି। ଆସନ୍ତା ୮ତାରିଖ ମଧ୍ୟରେ ଜବରଦଖଲକାରୀ ଯଦି ନ ଭାଙ୍ଗନ୍ତି ୯ ତାରିଖରେ ତହସିଲ ପ୍ରଶାସନ ପକ୍ଷରୁ ପୋଲିସ ସହାୟତାରେ ଭଙ୍ଗାଯିବ ବୋଲି ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ କହିଛନ୍ତି। ଏ ସଂକ୍ରାନ୍ତରେ ବଜାର କମିଟି ସଭାପତି, ସ୍ଥାନୀୟ ସରପଞ୍ଚଙ୍କୁ ନୋଟିସର ନକଲ ପ୍ରଦାନ କରାଯାଇଛି।

### ନନ୍ଦ କୁମାର ମହାପାତ୍ର ପାଇବେ ଗାନ୍ଧୀ ଗୌରବ ସମ୍ମାନ

ଭୁବନେଶ୍ୱର,୭।୬(ବ୍ୟୁରୋ): ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନଙ୍କ ସ୍ମୃତିରେ ଦ୍ୱିତୀୟ 'ଗାନ୍ଧୀ ଗୌରବ ସମ୍ମାନ' ଚଳିତବର୍ଷ ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ନନ୍ଦ କୁମାର ମହାପାତ୍ରଙ୍କୁ ଦିଆଯିବ। ଏ ନେଇ ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟର ସଭାପତି ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ମଙ୍ଗଳବାର ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି। ପୂର୍ବତନ କୁଳପତି ଡ. ବିମଳେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ମହାପାତ୍ରଙ୍କ ନାମ ସୁପାରିସ କରିଛନ୍ତି। ଜୁନ୍ ୨୮ରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ ହେବ। ଏନେଇ ଅନୁଷ୍ଠିତ ବୈଠକରେ ଡ. ସୌରେନ୍ଦ୍ର କୁମାର ମହାପାତ୍ର, ମ୍ୟାନେଜିଂ ଟ୍ରଷ୍ଟି ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର, ଡ. ବଦ୍ରିନାଥ ପଟ୍ଟନାୟକ, ସୀତାବଲ୍ଲଭ ମହାପାତ୍ର, ଦେବଯାନୀ ରାୟ, ବରୁଣ ରାଜ ଏବଂ ପୁଷ୍ପରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଅଭିଯୁକ୍ତଙ୍କ ଗିରଫ, ଉଚ୍ଚସ୍ତରୀୟ ତଦନ୍ତ ଦାବି

**ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ଆକ୍ରମଣ ଘଟଣା**

ଖୋର୍ଦ୍ଧା ଅଫିସ,୭।୬: ବାଣପୁର ବ୍ଲକ କାର୍ଯ୍ୟାଳୟ ଆଗରେ ସାଧାରଣ ଜନତା ଏବଂ ପୋଲିସ ଉପରକୁ ଗାଡି ଚଢ଼ାଇଦେବା ଘଟଣାରେ ଗିରଫ ହୋଇ ଜେଲ୍‌ରେ ଅଛନ୍ତି ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ। ତେବେ ବିଧାୟକ ଜଗଦେବଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ବାଣପୁର ପୋଲିସ ୯ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କ ଗିରଫ ଏବଂ ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ଚିଲିକା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳର ନିର୍ବାଚିତ ପ୍ରତିନିଧି ଏବଂ କର୍ମକର୍ତ୍ତା ମଙ୍ଗଳବାର ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ମାର୍ଚ୍ଚ ୧୨ରେ ଆକ୍ରୋଶମୂଳକ ଭାବେ ଶତାଧିକ ଅସାମାଜିକ ବ୍ୟକ୍ତି ଏବଂ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ବିଧାୟକ ଜଗଦେବଙ୍କୁ ଗାଡ଼ିରୁ ଭିଡ଼ିଆଣି ମରଣାନ୍ତକ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଥିଲେ। ଆକ୍ରମଣରେ ବିଧାୟକ ଲହୁଲୁହାଣ ହୋଇପଡ଼ିଥିଲେ। ଏହି ଘଟଣାରେ ପୋଲିସ କେବଳ ୯ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ବୁଲିବା ସହ ବିଜେଡି କର୍ମୀଙ୍କୁ ଧମକ ଦେଉଛନ୍ତି। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ଲାଗି ଦାବି କରିଛନ୍ତି। ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ପ୍ରକାଶ ଚନ୍ଦ୍ର ପ୍ରଧାନ, ଶଙ୍କର ପାଇକରାୟ, ମିଟୁ ନାୟକ, ପ୍ରଦୀପ କୁମାର ପ୍ରଧାନଙ୍କ ସମେତ ଏକାଧିକ କର୍ମୀ ଉପସ୍ଥିତ ଥିଲେ।


ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ମଙ୍ଗଳବାର ଆୟୋଜିତ ସମାରୋହରେ ଦିବ୍ୟାସେନା ଓ ଗଦାଧର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଦିବ୍ୟାସେନାଙ୍କୁ ରାଷ୍ଟ୍ରୀୟ ଜୟଦେବ ପୁରସ୍କାର

ଭୁବନେଶ୍ୱର,୭।୬(ବ୍ୟୁରୋ)

ଭଞ୍ଜକଳା ମଣ୍ଡପରେ ମଙ୍ଗଳବାର ଜୟଦେବ ରାଷ୍ଟ୍ରୀୟ ସମାରୋହ ଉଦ୍‌ଘାଟିତ ହୋଇଛି। ଏହା ଗୁରୁବାର ପର୍ଯ୍ୟନ୍ତ ଚାଲିବ। ଦେଶର ବିଭିନ୍ନ ରାଜ୍ୟରୁ ନୃତ୍ୟଶିଳ୍ପୀମାନେ ଆସି ନୃତ୍ୟ ପରିବେଷଣ କରିଛନ୍ତି। ପ୍ରଥମ ସନ୍ଧ୍ୟାରେ ହାଇଦ୍ରାବାଦର ଡ. କିରଣମୟୀ ବୋନଲାଙ୍କ କୁଚିପୁଡ଼ି, କୋଲକାତାର ପ୍ରଣତିସ୍କା ମୁଖାର୍ଜୀଙ୍କ ଭାରତ ନାଟ୍ୟମ, ଚେନ୍ନାଇର ଡ. ଦିବ୍ୟା ସେନା ଭାରତ ନାଟ୍ୟମ, ବ୍ରହ୍ମପୁରର ରାଧେଶ୍ୟାମ ତାରାଇଙ୍କ କୁଚିପୁଡ଼ି, ଢେଙ୍କାନାଳର ଗୌରୀ ଶଙ୍କର ଦାସଙ୍କ ଓଡ଼ିଶୀ, କୋଲକାତାର ଆର୍ଡ଼ୟୀ ଦତ୍ତଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣରେ ଦର୍ଶକ ବିମୋହିତ ହୋଇଥିଲେ। ଏହି ଅବସରରେ ଡ. ଦିବ୍ୟା ସେନାଙ୍କୁ ରାଷ୍ଟ୍ରୀୟ ଜୟଦେବ ପୁରସ୍କାର ଏବଂ ଡ. ଗଦାଧର ମହାପାତ୍ରଙ୍କୁ ଗୀତଗୋବିନ୍ଦ ସମ୍ମାନ ପ୍ରଦାନ କରାଯାଇଥିଲା। ନ୍ୟାଶନାଲ କଲଚର ମିଶନ ଦ୍ୱାରା ଆୟୋଜିତ ଏହି ସମାରୋହରେ ଗୁରୁ ଶରତ ରଥ, ବିପିନ ସ୍ୱାଇଁ, ମାନବ ଅଧିକାର କମିଶନ ସଦସ୍ୟ ମନୋଜ ଜେନା, ପ୍ରସନ୍ନ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। ସମାରୋହର ଆୟୋଜକ ଜଗବନ୍ଧୁ ଜେନାଙ୍କ ପୌରାହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା, ଆୟକର କମିଶନର ସୁରେଶ ଶିବାନନ୍ଦ ଜୟଦେବ, ଗଦାଧର ମହାପାତ୍ର, ପ୍ରସନ୍ନ ବିଶୋୟୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଓଡ଼ିଶୀ, ଭାରତ ନାଟ୍ୟମ, କୁଚିପୁଡ଼ି, କଥାକଳି, ମଣିପୁରୀ ଆଦି ରାଷ୍ଟ୍ରୀୟ ଶାସ୍ତ୍ରୀୟ ନୃତ୍ୟ ଏହି ମଞ୍ଚରେ ପରିବେଷଣ କରାଯିବ। ଦର୍ଶକମାନେ ଗୋଟିଏ ମଞ୍ଚରେ ସମସ୍ତ ଶାସ୍ତ୍ରୀୟ ନୃତ୍ୟ ଏହି ଦେଖିପାରିବେ ବୋଲି ସମାରୋହର ଆୟୋଜକ ଜେନା କହିଛନ୍ତି।

## ଶ୍ରୀଲିଙ୍ଗରାଜଙ୍କ ଚତୁର୍ଥୀ ନୀତି ସମ୍ପନ୍ନ

ପୁରୁଣା ଭୁବନେଶ୍ୱର,୭।୬(ଡି.ଏନ୍.ଏ.): ଶୀତଳଷଷ୍ଠୀ ଅବସରରେ ମଙ୍ଗଳବାର ପ୍ରଭୁ ଶ୍ରୀଲିଙ୍ଗରାଜ ଏବଂ ମା'ପାର୍ବତୀ ଦେବଦମ୍ପତିଙ୍କ ଚତୁର୍ଥୀ ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟାଧୂପ ସରିବା ପରେ ଦେବଦମ୍ପତି ସୁସଜ୍ଜିତ ପାଲିଙ୍କିରେ ବାସୁଦେବ ମନ୍ଦିର ସମ୍ମୁଖରେ ଥିବା ବ୍ରହ୍ମାଘାଟକୁ ଯାତ୍ରା କରିଥିଲେ। ସେଠାରେ ଉକ୍ତଦିନର ପାଳିଆ ପୂଜାପଣ୍ଡା ସେବାୟତ ସ୍ନାନ ସାରି ମହାସୁଆର ସେବାୟତ ଶ୍ରୀଜୀଉଙ୍କୁ ନୂତନ ବସ୍ତ୍ର ପରିଧାନ କରିଥିଲେ। ପରେ ଶ୍ରୀଜୀଉ ବାସୁଦେବ ମନ୍ଦିରକୁ ଯାଇଥିଲେ। ସେଠାରେ ବାସୁଦେବ ସମ୍ମୁଖ ଖଟୁଲିରେ ଅବସ୍ଥାନ କରି ପଞ୍ଚ ଉପଚାର ଭୋଗ ନୈବେଦ୍ୟ ସାରି ପରେ ଭେଟ ଆଳତି କରାଯାଇଥିଲା। ଏହାପରେ ଶ୍ରୀଜୀଉ ଭଉଣୀ ଘର ବଡମଠକୁ ଯାତ୍ରା କରିଥିଲେ। ସେଠାରେ ଭୋଗ ନୈବେଦ୍ୟ ସାରି ପୂଜାପଣ୍ଡା ସେବାୟତ ଶ୍ରୀଜୀଉଙ୍କୁ ଗଇଁଠାଳ ପିନ୍ଧାଇଥିଲେ। ପରେ କାମାକ୍ଷା ଠାକୁରାଣୀଙ୍କ ସହ ଭେଟ ଆଳତି ହୋଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମନ୍ଦିର ପରିସରରେ ଥିବା ବେହେରଣ ମଣ୍ଡପରେ ଖଟୁଲିରେ ବସିଥିଲେ। ପରେ ଶ୍ରୀଜୀଉଙ୍କ କୂଳ ପୁରୋହିତ ମନୋରଞ୍ଜନ ଦାଶ ଚତୁର୍ଥୀ ହୋମ ସମାପନ କରିଥିଲେ। ଏହା ପରେ ଆଡ଼କାଠ ସମ୍ମୁଖରେ ଶ୍ରୀଲିଙ୍ଗରାଜ ଏବଂ ପାର୍ବତୀଙ୍କ ମଧ୍ୟରେ କଉଡ଼ି ଖେଳ କରାଯାଇଥିଲା। ପରେ ଭେଟ ଆଳତି, ବଡ଼ ସିଂହାର କରାଯାଇ ମନ୍ଦିର ପହଡ଼ ପଡିଥିଲା।

# ଗୋଶାଳା ଉଚ୍ଛେଦକୁ ବିରୋଧ


ଦୋକାନ ଘରକୁ ଜେସିବି ଯୋଗେ ଭଙ୍ଗାଯାଉଛି।

## ଜବରଦଖଲ ହଟାଇ ନ ପାରି ଫେରିଲା ବିଡିଏ

ଭୁବନେଶ୍ୱର, ୭।୬ (ବ୍ୟୁରୋ)

ଖଣ୍ଡଗିରି ଥାନା ଅଧୀନସ୍ଥ ଡୁମୁଡୁମା ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ ପାଇଁ ଯାଇଥିବା ଉଚ୍ଛେଦକାରୀ ଦଳକୁ ନାକେଦମ୍ ହେବାକୁ ପଡ଼ିଛି। ୱାର୍ଡ଼ ନଂ. ୬୫, ୱାର୍ଡ଼ ନଂ. ୬୬ ଏବଂ ୱାର୍ଡ଼ ନଂ. ୫୦ରେ ମଙ୍ଗଳବାର ଉଚ୍ଛେଦ ପ୍ରକ୍ରିୟାକୁ ବିଧାୟକ ସୁରେଶ ରାଉତରାୟ ଏବଂ ଅଞ୍ଚଳବାସୀଙ୍କ ଦୃଢ଼ ବିରୋଧ କରିବାରୁ ଉଚ୍ଛେଦକାରୀ ଦଳକୁ ଅଧାରୁ ଫେରିବାକୁ ପଡ଼ିଛି। ୱାର୍ଡ଼ ନଂ-୬୫ର ପ୍ଲଟ୍ ନଂ ୧୧୨୪, ୧୧୨୬ ଏବଂ ୧୧୨୯ରୁ ଜବରଦଖଲ ଉଚ୍ଛେଦ ପାଇଁ ଗତ ଏପ୍ରିଲ ମାସରେ ବ୍ଲୁଇସ୍ ସେଲ୍ ପକ୍ଷରୁ ଚିଠି ହୋଇଥିଲା। ମଙ୍ଗଳବାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ କମିଶନରେଟ ପୋଲିସ୍ ସହଯୋଗରେ ଉଚ୍ଛେଦକାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ କେବଳ ପ୍ଲଟ୍ ନଂ-୧୧୨୬ରୁ ଏକ ଆଜବେଷ୍ଟସ୍ ଦୋକାନ ଭଙ୍ଗାଯାଇଛି। ଅପରପକ୍ଷେ ସରକାରୀ ଜମିରେ ଥିବା ଏକ ଗୋଶାଳା ଉଚ୍ଛେଦକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ବିରୋଧ କରାଯାଇଥିଲା। ଉତ୍ତେଜନା ପ୍ରକାଶ ପାଇବାରୁ ଉଚ୍ଛେଦ ପ୍ରକ୍ରିୟା ଅଧାରେ ଅଟକିଥିଲା। ଏ ନେଇ ସ୍ଥାନୀୟ ବାସିନ୍ଦା ପପୁ ସାହୁ କହିଛନ୍ତି, ଗତ ୩ବର୍ଷ ହେବ ଏହି ଗୋଶାଳା ରହିଛି। ବୁଲା ଗୋରୁଙ୍କ ସମେତ ପାଳିତ ଗାଈଙ୍କ ଦେହ ଖରାପ ହେଲେ ସେମାନଙ୍କର ଚିକିତ୍ସା କରାଯାଏ। ଆମଭଳି କିଛି ଯୁବଗୋଷ୍ଠୀ ଏହାର ଦାୟିତ୍ୱ ନେଇ ମାଗଣାରେ ଗୋସେବା କରୁଛୁ। ମାତ୍ର କିଛି ଅସାମାଜିକ ବ୍ୟକ୍ତିଙ୍କ ପ୍ରରୋଚନାରେ ବିଡିଏ ଏହି ଗୋଶାଳାକୁ ଭାଙ୍ଗିବାକୁ ଉଦ୍ୟମ କରୁଥିଲା। ତେଣୁ ଏହାକୁ ଜୋର୍‌ଦାର ବିରୋଧ କରାଯାଇଛି। ଅପରପକ୍ଷେ ସରକାରୀ ଜମି ହୋଇଥିବାରୁ ନିୟମ ଅନୁଯାୟୀ କାମ ହେଉଛି ବୋଲି ବିଡିଏ ଅଧିକାରୀ କହିଛନ୍ତି। ଏହାବ୍ୟତୀତ ୱାର୍ଡ ନଂ. ୬୬ର ପ୍ଲଟ୍ ନଂ. ୧୧୦୦ ଓ ୧୧୪୯ ଏବଂ ୱାର୍ଡ଼ ନଂ. ୫୦ରୁ ପ୍ଲଟ୍ ନଂ ୧୧୨୪ ଓ ୧୧୨୭ରୁ ବେଆଇନ୍ ନିର୍ମାଣରୁ ଜବରଦଖଲ ଉଚ୍ଛେଦ କରାଯିବାର ଯୋଜନା ରହିଥିଲା। ମାତ୍ର ଉଚ୍ଛେଦ ସମୟ ଅତିକ୍ରାନ୍ତ ହୋଇଯିବାରୁ ଉଭୟ ସ୍ଥାନରୁ ଉଚ୍ଛେଦ କରାଯାଇ ନ ଥିବା ବିଡ଼ିଏ ପକ୍ଷରୁ ସୂଚନା ମିଳିଛି। ଏହି ଅଭିଯାନରେ ଉଛେଦକାରୀ ଅଧିକାରୀ ପ୍ରମୋଦ କୁମାର ପାତ୍ର, ଲୋକସମ୍ପର୍କ ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି, ଜୋନ୍ ଏସିପି ଭରତ ଚନ୍ଦ୍ର ସେଠୀ, ଖଣ୍ଡଗିରି ଥାନା ଆଇଆଇସି ପଦ୍ମନାଭ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଇନ୍ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଏକ ପ୍ଲାଟୁନ୍ ରିଜର୍ଭ ପୁଲିସ୍ ଓ ଏକ ସେକ୍ସନ୍ ମହିଳା ପୋଲିସ ନିୟୋଜିତ ଥିଲେ।


ଉଚ୍ଛେଦକୁ ବିରୋଧ କରି ଧାରଣାସ୍ଥଳରେ ଜଣେ ବିଧାୟକ ସୁରେଶ ରାଉତରାୟ ଓ ଅନ୍ୟମାନେ।

# ଆର୍‌ଆର୍‌ବି ପରୀକ୍ଷା, ୬ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୭।୬(ବ୍ୟୁରୋ):



ରେଳପଥ ନିଯୁକ୍ତି ବୋର୍ଡ (ଆର୍‌ଆର୍‌ବି)ଦ୍ୱାରା ପରିଚାଳିତ ପରୀକ୍ଷାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ବିଭିନ୍ନ ରୁଟ୍‌ରେ ୬ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବାକୁ ନିଷ୍ପତ୍ତି ନିଆଯାଇଛି। ୦୮୩୦୫/୦୮୩୦୬ ସମ୍ବଲପୁର-ଟାଟା-ସମ୍ବଲପୁର ସ୍ୱତନ୍ତ୍ର ଟ୍ରେନ ଜୁନ୍ ୧୧ ଅପରାହ୍ଣ ୫ଟା ୩୦ରୁ ସମ୍ବଲପୁର ଛାଡ଼ି ଟାଟା ଅଭିମୁଖେ ଯାତ୍ରା କରିବ। ପରେ ଜୁନ୍ ୧୨ ରାତି ୮ଟାରେ ଟାଟାରୁ ସମ୍ବଲପୁର ଅଭିମୁଖେ ବାହାରିବ। ସେହିପରି ୦୮୩୦୧/୦୮୩୦୨ ସମ୍ବଲପୁର-ଦୁର୍ଗ-ସମ୍ବଲପୁର ଏକ୍ସପ୍ରେସ ଜୁନ୍ ୧୦ ରାତି ୮ଟା୩୦ରେ ସମ୍ବଲପୁରରୁ ବାହାରି ଦୁର୍ଗ ଅଭିମୁଖେ ଯାତ୍ରା କରିବ। ଜୁନ୍ ୧୧ ରାତି ୯ଟାରେ ତାହା ଦୁର୍ଗରୁ ଛାଡ଼ିବ। ୦୮୫୦୧/୦୮୫୦୨ ବିଶାଖାପାଟଣା-ଜବଲପୁର-ବିଶାଖାପାଟଣା ଜୁନ ୧୦ ତାରିଖ ପୂର୍ବାହ୍ଣ ୧୦ଟା ୪୫ରୁ ବିଶାଖାପାଟଣା ଛାଡ଼ି ଜବଲପୁର ଅଭିମୁଖେ ଯାତ୍ରା କରିବ। ଜୁନ୍ ୧୧ରେ ତାହା ଦିନ ୧ଟା ୩୫ରୁ ଜବଲପୁର ଛାଡ଼ି ବିଶାଖାପାଟଣା ଯାତ୍ରା କରିବ। ସେହିପରି ୦୮୪୦୫/୦୮୪୦୬ ଭୁବନେଶ୍ୱର-ହାୱଡ଼ା-ଭୁବନେଶ୍ୱର ଜୁନ୍ ୧୧ ତାରିଖ ରାତି ୯ଟାରେ ଭୁବନେଶ୍ୱରରୁ ଛାଡ଼ି ହାୱଡ଼ା ଅଭିମୁଖେ ଯାତ୍ରା କରିବ। ପରେ ତାହା ଜୁନ୍ ୧୨ ତାରିଖ ରାତି ୮ଟାରେ ହାୱଡ଼ା ଛାଡ଼ିବ। ଅନୁରୂପଭାବେ ୦୮୪୦୧/୦୮୪୦୨ ଭଦ୍ରକ-ଗୁଣ୍ଟୁର-ଭଦ୍ରକ ଜୁନ୍ ୧୦ ରାତି ୯ଟାରେ ଭଦ୍ରକରୁ ଛାଡ଼ି ଗୁଣ୍ଟୁର ଅଭିମୁଖେ ଯାତ୍ରା କରିବ। ପରଦିନ ଗୁଣ୍ଟୁରରୁ ରାତି ୮ଟାରେ ଭଦ୍ରକ ଅଭିମୁଖେ ବାହାରିବ। ୦୮୪୦୭/୦୮୪୦୮ ଭୁବନେଶ୍ୱର-ତାମ୍ବାରାମ୍-ଭୁବନେଶ୍ୱର ଜୁନ୍ ୧୧ରେ ପୂର୍ବାହ୍ଣ ୧୦ଟା ୩୦ରୁ ଭୁବନେଶ୍ୱର ଛାଡ଼ି ତାମ୍ବାରାମ୍ ଅଭିମୁଖେ ଯାତ୍ରା କରିବ। ପରେ ସେହି ଟ୍ରେନ୍ ଜୁନ୍ ୧୨ ତାରିଖ ରାତି ୧୦ଟା ୩୦ରୁ ତାମ୍ବାରାମ୍‌ରୁ ଛାଡ଼ିବ ବୋଲି କାର୍ଯ୍ୟସୂଚୀ ସ୍ଥିର ହୋଇଛି।

# ଶୀଘ୍ର କାମ ସାରିବାକୁ ନିର୍ଦ୍ଦେଶ

## ସ୍ମାର୍ଟ ଖେଳପଡ଼ିଆ ଯୋଜନାର ସମୀକ୍ଷା

ଭୁବନେଶ୍ୱର, ୭।୬ (ବ୍ୟୁରୋ):

ରାଜଧାନୀର ୧୭ଟି ବିଦ୍ୟାଳୟରେ ହେବାକୁ ଥିବା ସ୍ମାର୍ଟ ଖେଳପଡ଼ିଆ କାମ ଆରମ୍ଭ ହୋଇଛି। ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ (ବିଏସ୍‌ସିଏଲ୍), କ୍ରୀଡ଼ା, ପୂର୍ତ୍ତ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମିଳିତ ସହଯୋଗରେ ଏନେଇ ଯୋଜନା ପ୍ରସ୍ତୁତ କରାଯାଇଛି। ପ୍ରକଳ୍ପ କାମ କେତେଦୂର ଆଗେଇଛି ସେ ନେଇ ମଙ୍ଗଳବାର ଭୁବନେଶ୍ୱର ସ୍ମାର୍ଟସିଟି କାର୍ଯ୍ୟାଳୟରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଏସ୍‌ସିଏଲ୍ ଜେନେରାଲ ମ୍ୟାନେଜର କମଳଜିତ୍ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଇଓ, ୧୭ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ କ୍ରୀଡ଼ା ଶିକ୍ଷକ ପ୍ରମୁଖ ଯୋଗଦେଇଥିଲେ। ୮୦ଲକ୍ଷ ଟଙ୍କାର ବଜେଟ୍‌ରେ ବିଭିନ୍ନ ବିଦ୍ୟାଳୟରେ ପ୍ରସ୍ତୁତ ହେବାକୁ ଥିବା ସ୍ମାର୍ଟ ଖେଳପଡ଼ିଆର ରୂପାନ୍ତରଣ ନେଇ ଆଲୋଚନା ହେବା ସହିତ ଯଥାଶୀଘ୍ର କାମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନବୀକରଣ ହେବାକୁ ଥିବା ଏହି ଖେଳ ପଡ଼ିଆଗୁଡ଼ିକରେ ଭଲିବଲ୍ କୋର୍ଟ, ବ୍ୟାଡ୍‌ମିଣ୍ଟନ୍ କ୍ଲେ କୋର୍ଟ, ଫୁଟବଲ, ଖୋ-ଖୋ, କବାଡ଼ି ପିଚ୍ ଏବଂ କ୍ରିକେଟ୍ ପିଚ୍ ନିର୍ମାଣ କରାଯିବ। ଖେଳିବା ପାଇଁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ସହିତ ଉକ୍ତ ପଡ଼ିଆରେ ଲାଇଟିଂ ଏବଂ ସୌନ୍ଦର୍ଯ୍ୟକରଣ କରାଯିବ। ଏହାର ରକ୍ଷଣାବେକ୍ଷଣ ପାଇଁ ସିକ୍ୟୁରିଟି ଗାର୍ଡ ମଧ୍ୟ ରହିବେ। ଏହି ୧୭ଟି ସ୍କୁଲ ମଧ୍ୟରେ ୟୁନିଟ ୨ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ-୪ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୬ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ-୬ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ-୯ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ-୯ ବାଳିକା ଉଚ୍ଚ ବିଦ୍ୟାଳୟ, ଏସ୍‌ଏମ୍‌ବିଏମ୍ ଉଚ୍ଚ ବିଦ୍ୟାଳୟ ପୁରୁଣା ଭୁବନେଶ୍ୱର, ଏସ୍‌ଏନ୍ ଉଚ୍ଚ ବିଦ୍ୟାଳୟ ପଟିଆ, ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲ ଶହୀଦନଗର, ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲ ଆଇଆର୍‌ସି ଭିଲେଜ୍, ସରକାରୀ ଉଚ୍ଚ ବିଦ୍ୟାଳୟ ବରମୁଣ୍ଡା, ବଧିର ସ୍କୁଲ, ବାଳିକା ଉଚ୍ଚ ବିଦ୍ୟାଳୟ ୟୁନିଟ-୮, ବାଳକ ଉଚ୍ଚ ବିଦ୍ୟାଳୟ ୟୁନିଟ-୮, ସୟଦ ମମ୍‌ତାଜ୍ ଅଲି ଉଚ୍ଚ ବିଦ୍ୟାଳୟ ଯଦୁପୁର, ସରକାରୀ ଉଚ୍ଚ ବିଦ୍ୟାଳୟ ପାତ୍ରପଡ଼ା ଏବଂ ଭଗବାନପୁର ସ୍କୁଲ ରହିଛି। ତେବେ କେବଳ ବିଦ୍ୟାଳୟର ଛାତ୍ରଛାତ୍ରୀ ନୁହଁନ୍ତି ବରଂ ସମ୍ପୃକ୍ତ ଅଞ୍ଚଳର ସ୍ଥାନୀୟ ବାସିନ୍ଦା ମଧ୍ୟ ଏହାର ସୁଯୋଗ ନେଇପାରିବେ। ଏଠାରେ ସ୍କୁଲ ପିଲା, ସ୍ଥାନୀୟ ଲୋକେ ସକାଳ, ସନ୍ଧ୍ୟା ଏବଂ ଛୁଟି ଦିନରେ ବିଭିନ୍ନ ଖେଳ ଖେଳି ପାରିବେ।


ସମୀକ୍ଷା ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।


ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ପରିସରରେ ମଙ୍ଗଳବାର ଚାରା ରୋପଣ କାର୍ଯ୍ୟକ୍ରମରେ ବିମାନ ବନ୍ଦର ଅଧିକାରୀ ଏବଂ ଅନ୍ୟମାନେ।


ନିର୍ମାଣ ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ଅବସରରେ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ନାଟକ 'ଭୁଲ୍ ହୋଇଗଲା'ର ଏକ ଦୃଶ୍ୟ।


ଭୁବନେଶ୍ୱରସ୍ଥ ରୂପାଲିଛକ ପଞ୍ଚଦୀପ ଭବନ ପରିସରରେ ଇଏସ୍‌ଆଇସି ପକ୍ଷରୁ ଆୟୋଜିତ ଯୋଗ ଶିବିରରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଅନ୍ୟମାନେ।




୭।୬।୨୦୨୨

| ୩,୯୩,୮୪୭ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୫.୮୮୦ ଗ୍ରାମ |

## ସଂକ୍ଷେପରେ

### ମଦ ବିକ୍ରି ପ୍ରତିବାଦରୁ ଗ୍ରାହକଙ୍କୁ ଆକ୍ରମଣ

ଡେଲାଙ୍ଗ,୭।୬(ଡି.ଏନ୍.ଏ.): ଦରଠାରୁ ଅଧିକ ଦରରେ ନିଶା ଦ୍ରବ୍ୟ ବିକ୍ରି ପ୍ରତିବାଦ କରିବାରୁ ଜଣେ ଗ୍ରାହକଙ୍କୁ ଆକ୍ରମଣ କରାଯାଇଥିବା ଡେଲାଙ୍ଗ ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି। ସେ ହେଲେ ଜଗଦଳପୁର ଗ୍ରାମର ବିଶ୍ୱଜିତ ପଲେଇ। ଏନେଇ ଡେଲାଙ୍ଗ ପୋଲିସ ଏକ ମାମଲା (କେସ୍ ନଂ. ୧୫୩/୨୨) ରୁଜୁ କରି ଜଣଙ୍କୁ ପଚରାଉଚରା କରୁଥିବା ଆଇଆଇସି ଅନିଲ କୁମାର ମହାନ୍ତି କହିଛନ୍ତି। ସୂଚନା ମୁତାବକ, ଡେଲାଙ୍ଗ ହାଟ ବଜାର ସନ୍ନିକଟ ରାମଚନ୍ଦ୍ରପୁରଠାରେ ଏକ ବିଦେଶୀ ମଦ ଦୋକାନ ରହିଛି। ମଙ୍ଗଳବାର ବିଶ୍ୱଜିତ୍ ମଦ ପାଇଁ କାଉଣ୍ଟରକୁ ଯାଇଥିଲେ। ମଦ କିଣିବା ସମୟରେ ବୋତଲରେ ଲେଖା ଥିବା ଦରଠାରୁ ଅଧିକ ୪୦ ଟଙ୍କା ବିଶ୍ୱଜିତ୍‌ଙ୍କଠାରୁ ନେଇଥିଲେ। ଏହାକୁ ବିଶ୍ୱଜିତ୍ ପ୍ରତିବାଦ କରିବାରୁ ଦୋକାନର ୩ ଜଣ କର୍ମଚାରୀ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟିଯିବା ସହିତ ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ଖବରପାଇ ଜଗଦଳପୁର ଗ୍ରାମର କିଛି ଯୁବକ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲଙ୍କୁ ସ୍ଥାନାନ୍ତର କରାଯାଇଥିବା ମା' ସଂଯୁକ୍ତା ପଲେଇ ଅଭିଯୋଗରେ ଦର୍ଶାଇଛନ୍ତି।

### ଆଇଟି ଉଦ୍ୟୋଗୀଙ୍କ ପରଲୋକ



ପୁରୀ ଅଫିସ, ୭।୬- ପୁରୀର ବିଶିଷ୍ଟ ଆଇଟି ଉଦ୍ୟୋଗୀ ତଥା ପୁରୀ କମ୍ପ୍ୟୁଟର ଆସୋସିଏଶନର ସଦସ୍ୟ ଦେବେନ୍ଦ୍ର ମିଶ୍ରଙ୍କ ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କର ଏଭଳି ଆକସ୍ମିକ ବିୟୋଗରେ ସେ ରହୁଥିବା ବାସସ୍ଥାନ ସଦର ଥାନା ରୋଡ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ କର୍ମ ଉଦ୍ୟୋଗୀ, ମିଷ୍ଟଭାଷୀ, ସଚ୍ଚୋଟ ବ୍ୟକ୍ତି ଥିଲେ। ତାଙ୍କର ବିୟୋଗ ପୁରୀ ଆଇଟି ପରିବାର ପାଇଁ ଏକ ଅପୂରଣୀୟ କ୍ଷତି ଘଟିଛି। ସେ ପୁରୀ ଜିଲା ସ୍କୁଲର ୧୯୮୦ ବ୍ୟାଚର ଛାତ୍ର ଥିଲେ। ତାଙ୍କର ବିୟୋଗରେ ସମସ୍ତ ସହପାଠୀ ତଥା ପୁରୀର କମ୍ପ୍ୟୁଟର ଆସୋସିଏଶନ ସଦସ୍ୟମାନେ ଦୁଃଖ ପ୍ରକାଶ କରିଛନ୍ତି। ତାଙ୍କ ମୃତ୍ୟୁ ଖବର ଶୁଣି ପୁନେରେ ଥିବା ଏକମାତ୍ର କନ୍ୟା ପୁରୀରେ ପହଞ୍ଚିବା ପରେ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# କଳା, ନୃତ୍ୟକୁ ନେଇ ଶ୍ରୀମନ୍ଦିର ଦେବଦାସୀ ଉତ୍ସବ

ପୁରୀ ଅଫିସ,୭।୬


ସଂସ୍କୃତି ଭବନରେ ଆୟୋଜିତ ଶ୍ରୀମନ୍ଦିର ଦେବଦାସୀ ଉତ୍ସବରେ କଳାକାରମାନେ ଦେବଦାସି ନୃତ୍ୟ ପରିବେଷଣ କରୁଛନ୍ତି ।

ପୁରୀ ଡ୍ୟାନ୍ସ ଏକାଡେମୀ ଏବଂ ଶ୍ରୀଜଗନ୍ନାଥ ଐତିହ୍ୟ ଓ ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ଚକ୍ରତୀର୍ଥ ରୋଡ୍‌ସ୍ଥିତ ସଂସ୍କୃତି ଭବନ ପରିସରରେ ଶ୍ରୀଜଗନ୍ନାଥ, ଶ୍ରୀମନ୍ଦିର ଓ ଦେବଦାସୀ ପରମ୍ପରାକୁ ନେଇ ଶ୍ରୀମନ୍ଦିର ଦେବଦାସୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପ୍ରଫୁଲ୍ଲ ସାମନ୍ତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ତଥା ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ସମର୍ଥ ବର୍ମା ଯୋଗଦେଇ ଶ୍ରୀଜଗନ୍ନାଥ ଓ ଦେବଦାସୀ ପରମ୍ପରା ଉପରେ କହିଥିଲେ। ରେଡିଓ ଆକାଶବାଣୀର ପୂର୍ବତନ କେନ୍ଦ୍ର ନିର୍ଦ୍ଦେଶକ ଦୀପକ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଓଡ଼ିଶୀ ନୃତ୍ୟଗୁରୁ ଗୋବିନ୍ଦ ଚନ୍ଦ୍ର ପାଳ, ନୃତ୍ୟଶିଳ୍ପୀ ବିଜୟଲକ୍ଷ୍ମୀ ଦାଶ ଓ ମାହାରୀ ନୃତ୍ୟଶିଳ୍ପୀ ଚନ୍ଦ୍ରିକା ରଣା ଯୋଗଦେଇ ଶ୍ରୀମନ୍ଦିରର ପ୍ରାଚୀନ କଳା ଓ ସଂସ୍କୃତି ଏବଂ ପାରମ୍ପରିକ ନୃତ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଶ୍ରୀମନ୍ଦିର ସୁବେଦାର ଯୋଗେଶ ଚନ୍ଦ୍ର ସ୍ୱାଇଁ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ଚନ୍ଦ୍ର ପୂଜାପଣ୍ଡା, ସିଂହାରୀ ଜଗନ୍ନାଥ କର, ଅନନ୍ତ ତିଆଡି, ସେବାୟତ ମଧୁସୂଦନ ସିଂହାରୀ, ରାମଚନ୍ଦ୍ର ଦାସ ମହାପାତ୍ର, ବଳରାମ ଖୁଣ୍ଟିଆ, ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀ ସୁବ୍ରତ ବେହେରା ଏବଂ ଶୁଭ୍ରାଂଶୁ ଶେଖର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ଓଡ଼ିଶୀ ଗୁରୁ ନାରାୟଣ ପାଣ୍ଡେ। ଏହାପରେ ବୈଭବୀ ଖୁଣ୍ଟିଆଙ୍କ ଏକକ ମାହାରୀ ନୃତ୍ୟରୁ ଉତ୍ସବ ଆରମ୍ଭ ହୋଇଥିଲା। ପରେ ଏକକ ନୃତ୍ୟ, ପୁରୀ ଡ୍ୟାନ୍ସ ଏକାଡେମୀର ମାହାରୀ ନୃତ୍ୟାଙ୍ଗନାମାନେ ରାଧାରାଣୀ, ନାଚେ ମୁରଲୀପାଣୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିଙ୍କୁ ଶ୍ରୀଜଗନ୍ନାଥ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ନୃତ୍ୟଗୁରୁ ନାରାୟଣ ପାଣ୍ଡେ ଏବଂ ନୃତ୍ୟଶିଳ୍ପୀ କୁମାର ଭୀମସେନ ପରିଚାଳନା କରିଥିଲେ।

## ରଥଖଳାରୁ

# ୩ରଥରେ ଦଣ୍ଡା ସହ ଗୟଳର ଚଉପଟ କାର୍ଯ୍ୟ ଜାରି

ପୁରୀ ଅଫିସ,୭।୬

ମହାପ୍ରଭୁଙ୍କ ସ୍ନାନପୂର୍ଣ୍ଣିମାକୁ ଆଉ ଅଳ୍ପ ଦିନ ବାକି ଥିବାବେଳେ ତିନି ରଥର ନିର୍ଦ୍ଧାରିତ କାର୍ଯ୍ୟ ଶେଷ କରିବା ପାଇଁ ରଥ ନିର୍ମାଣରେ ନିୟୋଜିତ ଥିବା କାରିଗର ଓ ସେବକମାନେ ଲାଗିପଡିଛନ୍ତି। ତିନିରଥର ଚକ ଅଖ ସଂଯୋଗ ହୋଇ ଅବଶିଷ୍ଟ ଚକ ଡେରା ପରେ ଦିଗ ନିର୍ଣ୍ଣୟ ସହ ଚକ ଅଖଗୁଡିକୁ ସେଟିଂ କରାଯାଇଥିଲା। ମଙ୍ଗଳବାର ତିନିରଥର ଦଣ୍ଡା ପଡିବା ପରେ ମହାରଣାମାନେ ଦଣ୍ଡା ପକାଇ କାର୍ଯ୍ୟ କରିଥିଲେ। ଦଣ୍ଡାଗୁଡିକରେ ଅର୍ଦ୍ଧ ଚନ୍ଦ୍ରାକାର ଖୋଦେଇ ସାରି ଦଣ୍ଡା ଏବଂ ଅଖକୁ ଦଉଡିରେ ଟଣାଯାଇ ବନ୍ଧାଯାଇଥିଲା। ଏହାପରେ ପଞ୍ଚ ଦଣ୍ଡା ଆଗ ଏବଂ ପଛରେ ମୁହାଁଟ ସଂଯୋଗ ହୋଇ ଆଗ ମୁହାଁଟରେ ୫ଟି ସାଲ ଗୁଜ ଏବଂ ପଛ ମୁହାଁଟରେ ୩ ଜଳଯନ୍ତ୍ର ସହ ୨ ସାଲଗୁଜ ଉଠି ଗୁଜ ଉପରେ ନିରାଡ଼ି ଉଠିଛି। ବୁଧବାର ପଞ୍ଚ ଦଣ୍ଡାରେ କଣ୍ଟା ବାଡ଼ିଆ କାର୍ଯ୍ୟ ତିନିରଥର କମାର ସେବକ ତିନି ରଥ ମହାରଣା ଏବଂ ଭୋଇ ସେବକଙ୍କ ସହଯୋଗରେ ସମ୍ପୂର୍ଣ୍ଣ ହେବ। ଏତଦ୍‌ବ୍ୟତୀତ ନନ୍ଦିଘୋଷ ରଥର ମୋଟ ୧୨ଟି ଗୟଳରୁ ୭ଟିର ଚଉପଟ କରାଯାଇଛି। ସେହିପରି ତାଳଧ୍ୱଜ ରଥ ୪ଟି ଗୟଳର ଚଉପଟ ଶେଷ ହୋଇଛି। ଏଥିସହ ଦେବଦଳନ ରଥର ୩ଟି ଗୟଳର ଚଉପଟ କାର୍ଯ୍ୟ ସାରିଛନ୍ତି। ତିନିରଥର ରୂପକାର ସେବକମାନେ ରଥର ସିଂହାସନରେ କୁମ୍ଭ, ଡାଳି ଲତା ଏବଂ ପଦ୍ମ ପାଖୁଡା ଖୋଦେଇ କରିବା ସହ, ଚାରି ଗୋଟି ଲେଖାଏ ନାଟ ଗୋଡ଼ରେ ଗନ୍ଧର୍ବ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଦଣ୍ଡା କଣ୍ଟା ସାଇତା ପରେ ତିନି ରଥ ଦଣ୍ଡାର ଉପରିଭାଗ ପାଇଁ କଣ୍ଟା ନିର୍ମାଣ କରୁଛନ୍ତି।


ସେବକମାନେ ରଥ ନିର୍ମାଣର ଚକରେ ଦଣ୍ଡା ପକାଉଛନ୍ତି ।

# ୧୯ରୁ ପୁରୀ ଟୁରିଷ୍ଟ ବସ୍ କର୍ମଚାରୀଙ୍କ ଆନ୍ଦୋଳନ

ପୁରୀ ଅଫିସ,୭।୬

ସର୍ବଭାରତୀୟ ଶ୍ରମିକ ସଙ୍ଗଠନ ଏଆଇଟିୟୁସି ସହ ସହବନ୍ଧିତ ନୀଳଗିରି ମୋଟର କର୍ମଚାରୀ ସଂଘର ବାରମ୍ବାର ଦାବି ସତ୍ତ୍ୱେ ବସ୍ ମାଲିକମାନେ କର୍ମଚାରୀଙ୍କ ଦାବି ପୂରଣ କରୁନାହାନ୍ତି। ଫଳରେ ପୁରୀର ଟୁରିଷ୍ଟ ବସ୍ କର୍ମଚାରୀମାନେ ସର୍ବନିମ୍ନ ମଜୁରି, ଓଭର ଟାଇମ୍, ଇପିଏଫ, ଇଏସ୍‌ଆଇ ସୁବିଧା ସହ ପରିଚୟପତ୍ର ପ୍ରଦାନ, ଟୁରିଷ୍ଟ ସ୍ଥାନରେ ବସ୍‌ଗୁଡ଼ିକରେ ନିର୍ଦ୍ଦିଷ୍ଟ ରହଣିସ୍ଥଳୀ ପ୍ରଭୃତି ଦାବିରେ ଜୁନ ୧୯ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନରେ ସାମିଲ ହେବେ। ଏ ନେଇ ଶ୍ରୀ ନୀଳଗିରି ମୋଟର କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ବସ୍ ମାଲିକ ସଂଘ, ଜିଲାପାଳ, ଏସ୍‌ପି, ଶ୍ରମ କମିଶନର, ଶ୍ରମାଧିକାରୀଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ସଂଘ ପକ୍ଷରୁ ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ, ବାରମ୍ବାର ଅନୁରୋଧ ସତ୍ତ୍ୱେ ବସ୍ କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରି ଦିଆଯାଉ ନାହିଁ। ଟୁରିଷ୍ଟ ବସ୍ କର୍ମଚାରୀମାନେ ଦୈନିକ ୧୨ ଘଣ୍ଟାରୁ ଅଧିକ ସମୟ କାର୍ଯ୍ୟ କରୁଥିଲେ ମଧ୍ୟ ଓଭର ଟାଇମ ପ୍ରାପ୍ୟ ପ୍ରଦାନ କରାଯାଉ ନାହିଁ। ବାରମ୍ବାର ଦାବି କରୁଥିଲେ ମଧ୍ୟ କୌଣସି ଉପଚାର ନ ମିଳିବାରୁ ୧୯ରେ ସଂଘ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବ ବୋଲି ସଂଘ ପକ୍ଷରୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସମ୍ପାଦକ ଅଜୟ ମିଶ୍ର, ସହ ସମ୍ପାଦକ ବୃନ୍ଦାବନ ଦାଶ, କୋଷାଧ୍ୟକ୍ଷ ଆର୍ତ୍ତତ୍ରାଣ ଦାଶ, ଓ ସଂଘର ନେତା ସୂର୍ଯ୍ୟକାନ୍ତ ପଟ୍ଟନାୟକ, ଘନଶ୍ୟାମ ପ୍ରଧାନ, ମହାଦେବ ପ୍ରଧାନ, ପ୍ରକାଶ ମହାନ୍ତି, ମୁରଲୀ ମନୋହର ମିଶ୍ର, ଯଦୁମଣି ସାହୁ, ଭୀମସେନ ଦାସ, ସୁରେଶ ପ୍ରତିହାରୀ, ତୈଳୋକ୍ୟ ତ୍ରିପାଠୀ, ପବିତ୍ରମୋହନ ସେଠୀ, ଭିକାରି ସାହୁ, ସତ୍ୟନାରାୟଣ ମହାନ୍ତି, ପ୍ରଭାତ ମିଶ୍ର, ଏଆଇଟିୟୁସି ଦିଲ୍ଲୀ ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ନିୟମ ମାନି ଚଳିବାକୁ ନିଷ୍ପତ୍ତି

କଣାସ,୭।୬(ଡି.ଏନ୍.ଏ.): ଚଳିତବର୍ଷ ରଥଯାତ୍ରା ପରିଚାଳନା ସଂକ୍ରାନ୍ତୀୟ ଆଲୋଚନା ମଙ୍ଗଳବାର କଣାସ ବ୍ଲକ ଅନ୍ତର୍ଗତ ଜଙ୍ଘାର ତାରିଣୀ ଛକଠାରେ ହୋଇଯାଇଛି। ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ ରାମଚନ୍ଦ୍ର ସାମନ୍ତରାୟ କହିଥିଲେ, ଗ୍ରାମାଞ୍ଚଳରେ ଯୁବ ଉଦ୍ୟୋଗୀ ବନ୍ଧୁମାନଙ୍କୁ ଆଧ୍ୟାତ୍ମିକ ଚେତନାରେ ଉଦ୍‌ବୁଦ୍ଧ କରାଇ ରଥଯାତ୍ରା ପ୍ରତି ଉତ୍ସାହିତ କରାଯିବ। 'ରଥଯାତ୍ରା' ଶୀର୍ଷକ ମୁଖପତ୍ର ନିମିତ୍ତ ମଙ୍ଗଳବାରଠାରୁ ୭ ଦିନ ମଧ୍ୟରେ ଶ୍ରୀଜଗନ୍ନାଥ ଚେତନାଧର୍ମୀ, ସଂସ୍କୃତିସମ୍ପନ୍ନ ପ୍ରବନ୍ଧ, ଗଳ୍ପ, କବିତା ପ୍ରଭୃତି ହାଇଟେକ୍ ଜନମଙ୍ଗଳ ହେଲ୍‌ଥ ସେଣ୍ଟର, କଣାସ ଠିକଣାରେ ଦାଖଲ କରିବେ। ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହିତ ସରକାରୀ ନିର୍ଦ୍ଦେଶ ମୁତାବକ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଗ୍ରନ୍ଥଗୁଡିକ ମଧ୍ୟରେ ଶ୍ରୀଜଗନ୍ନାଥ ତତ୍ତ୍ୱ ଆଧାରିତ କୁଇଜ୍, ପ୍ରବନ୍ଧ ଓ କବିତା ପ୍ରତିଯୋଗିତା କରାଯାଇ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯିବ। ପ୍ରତାପ କିଶୋର ସାହୁ ଧନ୍ୟବାଦ ଦେଇଥିଲେ।

# ୧୦ରୁ ଅପ୍‌ସରା-୨୦୨୨ ସାଂସ୍କୃତିକ ଫେଷ୍ଟିଭାଲ ଆରମ୍ଭ

ପୁରୀ ଅଫିସ,୭।୬

ଚଳିତ ମାସ ୧୦, ୧୧ ଏବଂ ୧୨ ତାରିଖରେ କଲଚରାଲ ଡେଭଲପମେଣ୍ଟ ଫାଉଣ୍ଡେଶନ ପକ୍ଷରୁ ୩ଦିନ ଧରି ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅପସରା- ୨୦୨୨ ସାଂସ୍କୃତିକ ଫେଷ୍ଟିଭାଲ ଅନୁଷ୍ଠିତ ହେବ। ଏ ନେଇ ମଙ୍ଗଳବାର ସ୍ଥାନୀୟ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠ ପରିସରରେ ଫାଉଣ୍ଡେଶନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଅନୁଷ୍ଠାନର ପ୍ରୋଗ୍ରାମ ଡିରେକ୍ଟର ଉପେନ୍ଦ୍ର ଶର୍ମା, ସାଙ୍ଗଠନିକ ସମ୍ପାଦକ ନନ୍ଦିତା ପ୍ରିୟଦର୍ଶିନୀ ମହାନ୍ତି, ସମ୍ପାଦକ ରାମକୃଷ୍ଣ ମହାପାତ୍ର ଏବଂ ଉପସଭାପତି ଶରତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଆୟୋଜିତ ହେବାକୁ ଥିବା ଫେଷ୍ଟିଭାଲରେ ଓଡ଼ିଶାର ନୃତ୍ୟ ଶିଳ୍ପୀମାନଙ୍କ ସହ ବିଦେଶରୁ ମଧ୍ୟ ଅନେକ କଳାକାର ଯୋଗଦେବେ। ଆମେରିକାରୁ ଡ. ଅର୍ପିତା ଚାଟାର୍ଜୀ, ଗୁରୁ ଶର୍ମିଷ୍ଠା ଭଟ୍ଟାଚାର୍ଯ୍ୟ, ରାଜଧାନ ଦିଲ୍ଲୀରୁ ଡ. ସୁମିତା ଦତ୍ତରାୟେ, ତିରୁପତିରୁ ଡ. ପି ସାର୍ଥ ଚନ୍ଦ୍ର, ତ୍ରିପୁରାରୁ ଡ. ରିମା ବାନାର୍ଜୀ, ମହାରାଷ୍ଟ୍ରର ଡ. ଭାରତ ଜେଠୱାନି, ଆସାମର ସ୍ମିତା ଲାହାକର, କୋଲକାତାର ଡ. କୌଶିକି ଚକ୍ରବର୍ତ୍ତୀ, ଭୁବନେଶ୍ୱରରୁ ଗୁରୁ ପଦ୍ମଚରଣ ଦେହୁରୀଙ୍କ ସହ ଅନ୍ୟ ନୃତ୍ୟ ଶିଳ୍ପୀମାନେ ବିଭିନ୍ନ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରିବେ। ତେବେ ଏହି ୩ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମରେ ବୟସ୍କ ନୃତ୍ୟ ଗୁରୁମାନଙ୍କୁ ଗୁରୁ ବ୍ରହ୍ମା ଏବଂ ଗୁରୁ ମାତା ସମ୍ମାନରେ ସମ୍ମାନିତ କରାଯିବ। ଏଥିସହ ପ୍ରତ୍ୟେକ କଳାକାରଙ୍କୁ ନୃତ୍ୟ ଅପସରା ସମ୍ମାନରେ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# 'ଖୁବ୍‌ଶୀଘ୍ର ତ୍ୱରାନ୍ୱିତ ହେବ ଡ୍ରେନେଜ୍ ବ୍ୟବସ୍ଥା'


ନିମାପଡା ଏନ୍ଏସି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟ ଅଧିକାରୀମାନେ ।

ନିମାପଡ଼ା,୭।୬(ଡି.ଏନ୍.ଏ.): ନିମାପଡ଼ା ଏନ୍ଏସି ଅଞ୍ଚଳରେ ଡ୍ରେନେଜ୍ ବ୍ୟବସ୍ଥା ଖୁବ୍‌ଶୀଘ୍ର ତ୍ୱରାନ୍ୱିତ ହେବ। ପ୍ରତ୍ୟେକ ୱାର୍ଡରେ ବର୍ଷାଜଳ ନିଷ୍କାସନର ସୁବ୍ୟବସ୍ଥା ଯୁଦ୍ଧକାଳୀନ ଭିତ୍ତିରେ କରାଯିବ। ବର୍ଷାଦିନେ ପୌରବାସୀମାନେ ଜଳବନ୍ଦୀ ହୋଇ ରହିବେ ନାହିଁ। ଏନ୍ଏସି କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧ୍ୟକ୍ଷତା କରି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହା କହିଛନ୍ତି। ଡ୍ରେନେଜ୍ ଓ କେନାଲ ଜମିକୁ ଦୀର୍ଘ ଦିନ ଧରି ବେଆଇନ ଭାବେ ଜବରଦଖଲ କରିଥିବା ଜବରଦଖଲକାରୀଙ୍କୁ ଖୁବ୍‌ଶୀଘ୍ର ଉଚ୍ଛେଦ କରିବା ପାଇଁ ମନ୍ତ୍ରୀ ସ୍ଥାନୀୟ ତହସିଲଦାର ଓ ଏନ୍ଏସି ପ୍ରଶାସନକୁ କଡା ନିର୍ଦ୍ଦେଶ ଦେଇଛନ୍ତି। ବର୍ଷା ଦିନେ ଏନ୍ଏସି ଅଞ୍ଚଳର ବିଭିନ୍ନ ୱାର୍ଡରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ବିଭିନ୍ନ ୱାର୍ଡ ଓ ରାସ୍ତାଘାଟରେ ଆଣ୍ଠୁଏ ପାଣି ସୁଅ ଛୁଟେ। ତଳିଆ ଅଞ୍ଚଳର ଲୋକେ ଜଳବନ୍ଦୀ ହୋଇ ରୁହନ୍ତି। ଏହି ସମସ୍ୟାର ସମାଧାନ ପାଇଁ ମନ୍ତ୍ରୀ ଏଭଳି ପଦକ୍ଷେପ ନେଇଛନ୍ତି। ନିମାପଡ଼ା ଏନ୍ଏସି ଅଞ୍ଚଳରେ ଚେକ୍‌ଡ୍ୟାମ ନିର୍ମାଣ କରାଯାଇ ଶଟର ବ୍ୟବସ୍ଥା କରାଯିବା ସହ ଅଣ୍ଡିଆ ସାହିଠାରୁ ପ୍ରହରାଜ ସାହି ପର୍ଯ୍ୟନ୍ତ ଡ୍ରେନେଜ୍‌ର କାର୍ଯ୍ୟ ପାଇଁ ଖୁବ୍‌ଶୀଘ୍ର ସର୍ଭେ କାର୍ଯ୍ୟ କରାଯିବ ବୋଲି ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଆୟୋଜିତ ସ୍ୱତନ୍ତ୍ର ବୈଠକରେ ସମ୍ମାନିତ ଅତିଥି ଭାବେ ଏନ୍ଏସି ନଗରପାଳ ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, ଡ୍ରେନେଜ୍ ବିଭାଗର ମୁଖ୍ୟଯନ୍ତ୍ରୀ ବାଲେଶ୍ୱର ସାହୁ, ସହକାରୀ ମୁଖ୍ୟଯନ୍ତ୍ରୀ ସନ୍ତୋଷ ସ୍ୱାଇଁ, ସର୍ବୋଚ୍ଚ ଯନ୍ତ୍ରୀ ଆଶିଷ କୁମାର ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ବନବିହାରୀ ଦାଶ, ଜଳ ସମ୍ପଦ ବିଭାଗର ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ଶଶିଭୂଷଣ ମିଶ୍ର, ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ଦାଶ, ସହରାଞ୍ଚଳ ପାନୀୟ ଜଳ ଯୋଗାଣ ବିଭାଗର ସହ ପ୍ରବନ୍ଧକ ଶଶିଭୂଷଣ ମହାନ୍ତି, ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ, ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ର, ପୋଲିସ ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ଶଙ୍କର୍ଷଣ ଦଳେଇ ପ୍ରମୁଖ ଆଲୋଚନାରେ ଯୋଗଦେଇଥିଲେ।

# ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

କଣାସ,୭।୬(ଡି.ଏନ୍.ଏ.): କଣାସ ବ୍ଲକ ବଡାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିଣ୍ଡିପୁର ଗ୍ରାମର ଅବସରପ୍ରାପ୍ତ କର୍ମଚାରୀ ଉଲ୍ଲାସ ଚନ୍ଦ୍ର ପାଇକରାୟଙ୍କ ସୋମବାର ମୃତ୍ୟୁ ହୋଇଛି। ତାଙ୍କ ଛାତିରେ ଘା' ହୋଇଥିବାରୁ ସେ ଭୁବନେଶ୍ୱର ହାଇଟେକ୍ ଓ ସମ୍ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ପରେ ସେ ତାଙ୍କ ବାସ ଭବନରେ ମାସେ ହେବ ଚିକିତ୍ସା ପରେ ତାଙ୍କର ମୃତ୍ୟୁ ଘଟିଛି। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ପୁଅ ଉମାକାନ୍ତ ପାଇକରାୟ ମୁଖାଗ୍ନି ଦେଇଥିବାବେଳେ ବନ୍ଧୁବାନ୍ଧବ ଓ ପରିବାର, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗତ ପାଇକରାୟ ପ୍ରଥମେ ରାଜସ୍ୱ ବିଭାଗର ଚକବନ୍ଦୀରେ କାର୍ଯ୍ୟ କରି ପରବର୍ତ୍ତୀ ସମୟରେ ରାଜସ୍ୱ ନିରୀକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ବ୍ୟକ୍ତି ଥିଲେ।

# ଯୁବ ଆଇନଜୀବୀଙ୍କ ଦକ୍ଷତା ବୃଦ୍ଧି ହେବା ଆବଶ୍ୟକ

ବ୍ରହ୍ମଗିରି, ୭।୬ (ଡି.ଏନ୍.ଏ.): ଜନସାଧାରଣଙ୍କୁ ନ୍ୟାୟ ଦେବାରେ ଯୁବ ଆଇନଜୀବୀଙ୍କ ଆବଶ୍ୟକତା ରହିଛି। ଏନେଇ ଏହି ଯୁବ ଆଇନଜୀବୀଙ୍କ ଦକ୍ଷତା ବୃଦ୍ଧି ହେବା ସହ ଯୁବକଙ୍କ ଅଧିକ ଅଧ୍ୟୟନ ଆବଶ୍ୟକ। ମଙ୍ଗଳବାର ବ୍ରହ୍ମଗିରି ଗ୍ରାମ ନ୍ୟାୟାଳୟର ପ୍ରଥମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଦ୍ୱିତୀୟ ଅତିରିକ୍ତ ଜିଲା ଦୌରାଜଜ ମୀୟ ରଞ୍ଜନ ଜେନା ଯୋଗଦେଇ ଏହା କହିଛନ୍ତି। ଅନ୍ୟ ଅତିଥି ଭାବେ ଇନ୍ଦୁ ଶର୍ମା, ବିଦ୍ୟାଧର ପୃଷ୍ଟି, ରଶ୍ମୀ ନାରାୟଣୀ ମିଶ୍ର, ରମାଶଙ୍କର ପାତ୍ର ପ୍ରମୁଖ ଯୋଗଦେଇଥିଲେ।



ବ୍ରହ୍ମଗିରି ଗ୍ରାମ ନ୍ୟାୟାଳୟର ପ୍ରତିଷ୍ଠା ଦିବସ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ।

# ୩ ଦାବି ନେଇ ପ୍ରଧାନମନ୍ତ୍ରୀଙ୍କୁ ଚିଠି ପ୍ରଦାନ

ପୁରୀ ଅଫିସ, ୭।୬

ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନ ରାଜ୍ୟ କମିଟିର ନିଷ୍ପତ୍ତିକ୍ରମେ ପୁରୀ ଜିଲା ସମ୍ପାଦକ ତଥା ରାଜ୍ୟ ଯୁଗ୍ମ ସମ୍ପାଦକ କସ୍ତୁରୀଚରଣ ସୁବୁଦ୍ଧିଙ୍କ ଆହ୍ୱାନକ୍ରମେ ଜିଲା କମିଟି ତରଫରୁ ୩ଦଫା ଦାବି ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ପୋଷ୍ଟକାର୍ଡ ମାଧ୍ୟମରେ ଚିଠି ପଠାଯାଇଛି। ମାସିକ ସର୍ବନିମ୍ନ ୯ହଜାର ଟଙ୍କା ପେନସନ୍ ସହିତ ମହଙ୍ଗା ଭତ୍ତା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବର୍ଦ୍ଧିତ ପେନ୍‌ସନ ସହିତ ବରିଷ୍ଠ ନାଗରିକଙ୍କୁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରି ନିଃଶୁଳ୍କ ଚିକିତ୍ସା ଦେବା ଆଦି ଦାବି ରହିଛି। ଜିଲା କମିଟି ପକ୍ଷରୁ ୧୫୦ରୁ ଅଧିକ ପୋଷ୍ଟକାର୍ଡ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଯାଇଛି। ଦାବିଗୁଡ଼ିକୁ ପୂରଣ ନିମନ୍ତେ ଜୁନ ମାସ ଭିତରେ ୧୦୦୦ରୁ ଅଧିକ ପୋଷ୍ଟକାର୍ଡ ପ୍ରଧାନମନ୍ତ୍ରୀଙ୍କୁ ପଠାଇବା ପାଇଁ କମିଟି ନିଷ୍ପତ୍ତି ନେଇଛି। କମିଟିରେ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମିଶ୍ର, ରଘୁନାଥ ଜେନା, ଉମାଶଙ୍କର ବାରିକ, ବିଜୟ ଦାସ, ପ୍ରସନ୍ନ ଦାଶ, ସତ୍ୟପ୍ରିୟ ସାମନ୍ତରାୟ, ହେମନ୍ତ ପ୍ରହରାଜ ଓ ଦାଶରଥି ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# 'ସାଧୁ ସଙ୍ଗ ଦ୍ୱାରା ସମସ୍ତଙ୍କ ଚିତ୍ତବୃତ୍ତି ନିର୍ମଳ ହୋଇଥାଏ'

ପୁରୀ ଅଫିସ,୭।୬:



ଶ୍ରୀମଦ୍ ଭଗବଦ୍ ଗୀତା ଶିକ୍ଷା ଶିବିର ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥି ।

## ଶ୍ରୀମଦ୍ ଭଗବଦ୍ ଗୀତା ଶିକ୍ଷା ଶିବିର ଉଦ୍‌ଘାଟିତ

ଅନ୍ତଃରାଷ୍ଟ୍ରୀୟ ଗୌଡ଼ୀୟ ବେଦାନ୍ତ ଟ୍ରଷ୍ଟ ଆନୁକୂଲ୍ୟରେ ମଙ୍ଗଳବାର ଚକ୍ରତୀର୍ଥ ରୋଡସ୍ଥିତ ଜୟଶ୍ରୀ ଦାମୋଦର ଗୌଡ଼ୀୟ ମଠ ପରିସରରେ ଶ୍ରୀମଦ୍ ଭଗବଦ୍ ଗୀତା ଶିକ୍ଷା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ହରିହର ହୋତା ଯୋଗଦେଇ କହିଥିଲେ, ଭାରତୀୟ ସଂସ୍କୃତିରେ ଭକ୍ତି ଓ ଭଗବାନ୍‌ଙ୍କ ମଧ୍ୟରେ ଥିବା ଆଧ୍ୟାତ୍ମିକ ପ୍ରେମ ରହସ୍ୟକୁ ଭଗବଦ୍ ଗୀତାର ୧୮ଟି ଅଧ୍ୟାୟର ଯୋଗ ମାଧ୍ୟମରେ ଉପସ୍ଥାପନା କରାଯାଇଛି। ବିଦ୍ୟାର୍ଥୀମାନେ ଭଗବଦ୍ ଗୀତାକୁ ଉଚ୍ଚାରଣ ପୂର୍ବକ ପଠନ କଲେ ବିଦ୍ୟାର୍ଥୀଙ୍କର ବୌଦ୍ଧିକ, ନୈତିକ ଓ ଆଧ୍ୟାତ୍ମିକ ବିକାଶ ଘଟିବ ବୋଲି ମତବ୍ୟକ୍ତ କରିଥିଲେ। ଶ୍ରୀପାଦ ଭକ୍ତି ବେଦାନ୍ତ ବୈଷ୍ଣାୟନ ମହାରାଜଙ୍କ ଅଧ୍ୟକ୍ଷତାରେ ୭ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଭରତିଆ ଟ୍ରଷ୍ଟର ଅଧ୍ୟକ୍ଷ ଡ. କିଶନଲାଲା ଭରତିଆ ଯୋଗଦେଇ ସାଧୁ ସଙ୍ଗ ଦ୍ୱାରା ସମସ୍ତଙ୍କ ଚିତ୍ତବୃତ୍ତି ନିର୍ମଳ ହୋଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଆଇନଜୀବୀ ସୂର୍ଯ୍ୟ ନାରାୟଣ ଦ୍ୱିବେଦୀ, ଏନ୍ଆଇଏଟି ଭୁବନେଶ୍ୱରର ପରିଚାଳନା ନିର୍ଦ୍ଦେଶକ ଦେବାଶିଷ ପରିଡ଼ା, ନିଷ୍କିଞ୍ଚନ ମହାରାଜ, ପୂଜ୍ୟପାଦ ଭକ୍ତି ବିବେକ୍ ପରମାର୍ଥୀ ମହାରାଜ ପ୍ରମୁଖ ଯୋଗଦେଇଥିଲେ। ପଣ୍ଡିତ ଗୁରୁ ପ୍ରସାଦ ଦାଶ ସଂଯୋଜନା କରିଥିଲେ। ବିଭିନ୍ନ ଜିଲାରୁ ୧୦୦ରୁ ଉର୍ଦ୍ଧ୍ୱ ଶିବିରାର୍ଥୀ ଯୋଗଦେଇଥିଲେ। ନରହରି ଦାସ ବ୍ରହ୍ମଚାରୀ ଧନ୍ୟବାଦ ଦେଇଥିଲେ।

# ଅର୍ବାନ ବ୍ୟାଙ୍କ ସଦସ୍ୟ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ

ପୁରୀ ଅଫିସ,୭।୬:

## ୪୩ ସଦସ୍ୟଙ୍କ ମଧ୍ୟରେ ଲଢ଼େଇ

ପୁରୀ ଅର୍ବାନ କୋଅପରେଟିଭ୍ ବ୍ୟାଙ୍କର ସଦସ୍ୟ ନିର୍ବାଚନ ପାଇଁ ମଙ୍ଗଳବାର ପ୍ରାର୍ଥୀପତ୍ର ଦାଖଲ ହୋଇଛି। ଅର୍ବାନ ବ୍ୟାଙ୍କ ନିର୍ବାଚନ ପାଇଁ ପୁରୀ ସହରକୁ ୧୫ଟି ୱାର୍ଡରେ ବିଭକ୍ତ କରାଯାଇଛି। ୧୫ଜଣ ସଦସ୍ୟ ନିର୍ବାଚିତ ହୋଇଆସିବେ। ଯେଉଁମାନେ ଅର୍ବାନ ବ୍ୟାଙ୍କର ସଦସ୍ୟ ସେମାନେ ମତଦାନ କରିପାରିବେ। ଚଳିତବର୍ଷ ୪୩ଜଣ ସଦସ୍ୟ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ରବିନାରାୟଣ ମହାନ୍ତି, ଜୟକୃଷ୍ଣ ମହାନ୍ତି, ଲୋକନାଥ ପ୍ରଧାନ, ସଞ୍ଜୁକ୍ତା ଦେବତା, ରଞ୍ଜନା ଦାଶ, ପ୍ରତାପ ମହାନ୍ତି, ସବିତା ବିଶୋଇ, ପ୍ରଧାନ ଧୀରେନ୍ଦ୍ର ରାୟ, ପ୍ରାଣକୃଷ୍ଣ ସାହୁ, ରାଜଲକ୍ଷ୍ମୀ ସାହୁ, ସୁରେନ୍ଦ୍ର କୁମାର ଦାଶ, ଗୋପାଳ ଚନ୍ଦ୍ର ଦାଶ, ପଞ୍ଚୁ ଦାଶ, ଅଜୟ କୁମାର ସାହୁ, ଦେବରାଜ ସାହୁ, ସତ୍ୟରଞ୍ଜନ ମହାନ୍ତି, ବନମାଳୀ ସାହୁ, ଗୁଣଧର ଦାସମହାପାତ୍ର, କାଳୀପ୍ରସାଦ ନାୟକ, ବୃନ୍ଦାବନ ବେହେରା, ଚଣ୍ଡିପ୍ରସାଦ ସିଂ, ରବିନାରାୟଣ ଦାଶ, ରଜନୀକାନ୍ତ ପଟ୍ଟନାୟକ, ପୁଷ୍ପାମଞ୍ଜରୀ ପାତ୍ର, ମମତା ରାଣୀ ସାହୁ, ଅନିଲ କୁମାର ସାହୁ, ଉମାକାନ୍ତ ନାୟକ, ଅନିତା ପଟ୍ଟନାୟକ, ସମୀର କୁମାର ଚାନ୍ଦ, ବିଶ୍ୱନାଥ ପଣ୍ଡା, ଅନନ୍ତ ପ୍ରଧାନ, ସୌମ୍ୟରଞ୍ଜନ ମହାନ୍ତି, ଅରୁଣିମା ନନ୍ଦ, ରାଜଶ୍ରୀ ଡୋରା, ଅଜିତ କୁମାର ବିଶ୍ୱାଳ, ରଞ୍ଜନା ଦାଶ, ରେଣୁବାଳା ପଣ୍ଡା, ଗୀତାଞ୍ଜଳି ପଣ୍ଡା, ସରସ୍ୱତୀ ସାହୁ, ଦେବାନନ୍ଦ ମିଶ୍ର, ସରୋଜ କୁମାର ନାୟକ, ପତିତ ମଲ୍ଲିକ ଓ ବିଜୟକୃଷ୍ଣ ବ୍ରହ୍ମା ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତେବେ ଚଳିତବର୍ଷ ନିର୍ବାଚନରେ ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତି ଓ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ନିଜ ନିଜ ପ୍ରାର୍ଥୀ ଦେଇଛନ୍ତି। ବିଧାୟକ ଜୟନ୍ତ ଷଡ଼ଙ୍ଗୀଙ୍କ ପକ୍ଷରୁ ଚଣ୍ଡୀ ସିଂଙ୍କ ନେତୃତ୍ୱରେ ଅର୍ବାନ ବ୍ୟାଙ୍କ ଦଖଲ ପାଇଁ ଚେଷ୍ଟା କରାଯାଉଥିବା ବେଳେ ମହେଶ୍ୱର ମହାନ୍ତିଙ୍କ ପକ୍ଷରୁ ଅର୍ବାନ ବ୍ୟାଙ୍କର ପୂର୍ବତନ ସଭାପତି ଗୁଣଧର ଦାସମହାପାତ୍ର ନିର୍ବାଚନ ଲଢ଼ିବେ। ବିଜେଡି ଓ ଭାଜପା ସମର୍ଥିତ ପ୍ରାର୍ଥୀମାନଙ୍କ ମଧ୍ୟରେ ପ୍ରମୁଖ ଲଢେଇ ହେବାକୁ ଥିବାବେଳେ ବିଜେଡିର ଏକ ଅସନ୍ତୁଷ୍ଟ ଗୋଷ୍ଠୀ ୮ରୁ ଉର୍ଦ୍ଧ୍ୱ ୱାର୍ଡରେ ପ୍ରାର୍ଥୀ ଦେଇଛନ୍ତି। ଏକଦା ପୁରୀ ସହରରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପରେ ୨ୟ ସର୍ବାଧିକ ଆର୍ଥିକ ବ୍ୟାପାର ପାଇଁ ଏହି ଅର୍ବାନ ବ୍ୟାଙ୍କ ଜଣାଥିଲା। ମାତ୍ର ଏବେ ସେଭଳି ସ୍ଥିତି ନାହିଁ। ବ୍ୟାଙ୍କ ଋଣ ଦେବାରେ ଅସମର୍ଥ ହୋଇଛି। ଏଣୁ ଏକ ଭଲ ମ୍ୟାନେଜିଂ କମିଟି ବ୍ୟାଙ୍କର ଆର୍ଥିକ ସୁଧାର ଆଣନ୍ତୁ ବୋଲି ସହରବାସୀ ଦାବି କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୮ ଜୁନ୍, ୨୦୨୨



# ଶ୍ରୀକ୍ଷେତ୍ରରେ ପହଞ୍ଚିଲା ପାଟବସ୍ତ୍ର, ସୂତାଲୁଗା

**ଖୋର୍ଦ୍ଧା ଅଫିସ, ୭।୬**

ଜୁଲାଇ ୧ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ପକ୍ଷରୁ ଚାଲିଛି ପ୍ରସ୍ତୁତି। ରଥଖଳାରେ ରଥ ନିର୍ମାଣ କାମ ଜୋର୍‌ଦାର ଚାଲିଛି। ରଥଯାତ୍ରା ଲାଗି ମହାପ୍ରଭୁଙ୍କ ସୂତା ଓ ପାଟବସ୍ତ୍ର ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଉତପଡ଼ାର ବୁଣାକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଛି। ଗତ ସୋମବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ସୂତାଲୁଗା ଓ ପାଟବସ୍ତ୍ର ପହଞ୍ଚାଇବା ଆରମ୍ଭ ହୋଇଛି। ପ୍ରାୟ ୭୫ ପ୍ରତିଶତ କାର୍ଯ୍ୟାଳୟରେ ପହଞ୍ଚି ସାରିଛି। ବାକି ଥିବା କିଛି ପାଟବସ୍ତ୍ର ଦିନେ ଦୁଇଦିନ ମଧ୍ୟରେ ପଠାଯିବ ବୋଲି ବୁଣାକାର ଗୋପୀନାଥ ଦାସ କହିଛନ୍ତି।

ଚଳିତ ରଥଯାତ୍ରା ଲାଗି ଚେହେଲି ପାଟ, ବଡ଼ସିଂହାର ଲାଗି ଗୀତଗୋବିନ୍ଦ ପାଟ, ସାତବାର ଲାଗି ୭ ପ୍ରକାର ଖଣ୍ଡୁଆ ପାଟ, ସୂତାରେ ପ୍ରସ୍ତୁତ ଦୁଇପ୍ରକାର ଘୋଡ଼ଣି, ଦେବସ୍ନାନ ପୂର୍ଣ୍ଣମୀ ୧୦୮ ଗରାବଡ଼ୁ ଜଳ ପାଇଁ ଗାମୁଛା, ମହାପ୍ରଭୁଙ୍କ ଗୁପ୍ତ ସେବା ଲାଗି ଲାଲ୍, ସବୁଜ ଓ ହଳଦିଆ ରଙ୍ଗର ଏକ ସେଟ୍ ଲେଖାଏ ଚେହେଲି ପାଟ ପ୍ରସ୍ତୁତ ହୋଇଛି। ବଡ଼ସିଂହାର ବେଶ ଲାଗି (ଗୀତଗୋବିନ୍ଦ ବହିର ତୃତୀୟ ପୟାର ପ୍ରଥମ ଶ୍ଲୋକ- କଂସାରୀ ରପି ସଂସାର,ବାସନାବଦ୍ଧ ଶୃଙ୍ଖଳା, ରାଧାମାଧାୟ ହୃଦୟେ, ତ୍ୟୋଜ ବ୍ରଜସୁନ୍ଦରୀଃ) ଏବଂ ଚନ୍ଦନଚର୍ଚ୍ଚିତ ନୀଳକଳେବର ପୀତବସନ ବନମାଳୀ କେଳି ଚଳନ୍ମଣି କୁଣ୍ଡଳମଣ୍ଡିତ ଗଣ୍ଡଯୁଗ ସ୍ମିତଶାଳୀ ଲେଖାଥିବା ଗୀତଗୋବିନ୍ଦ ପାଟ ରହିଛି। ସେହିପରି ସପ୍ତବିଗ୍ରହ ମାଧବ, ସୁଦର୍ଶନ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ଶ୍ରୀଦେବୀ, ଭୂଦେବୀଙ୍କ ଲାଗି ସୂତାର ୨ପ୍ରକାର ଘୋଡ଼ଣୀ ସମେତ ମହାପ୍ରଭୁଙ୍କ ବର୍ଷସାରା ଅନ୍ୟ ସେବା ଲାଗି ୩୦ରୁ ୩୫ ପ୍ରକାର ଲୁଗା ନେତଫୁଟା, ବୋଇରାଣୀ, ପତନୀ, ଟଣାଖୋସା, ମଲମଲ, ଶ୍ରୀମୁଖ ଓଡ଼ା, ଗଦିଫୁଟା ଆଦି ବସ୍ତ୍ର ପଠାଯାଇଛି। ତେବେ ଦୀର୍ଘ ୨୮ବର୍ଷ ହେବ ମହାପ୍ରଭୁଙ୍କ ବିଭିନ୍ନ ପର୍ବପର୍ବାଣି ଏବଂ ରଥଯାତ୍ରା ଲାଗି ସୂତା ଓ ପାଟବସ୍ତ୍ର ଗୋପୀନାଥଙ୍କ ପରିବାର ଯୋଗାଇ ଆସୁଛି। ଗୋପୀନାଥଙ୍କ ପରିବାର ସମେତ ଗ୍ରାମର ୨୨ ପରିବାର ସଦସ୍ୟ ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି। ୧୯୬୬ ଓ ୨୦୧୫ ନବକଳେବର ଏବଂ ୨୦୨୦ ନାଗାର୍ଜୁନ ବେଶ ଲାଗି ସୂତା ଓ ପାଟବସ୍ତ୍ର ପଠାଇବାର ସୁଯୋଗ ପାଇଛନ୍ତି। ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗିଥିବାରୁ ଅପୂର୍ବ ଆନନ୍ଦ ମିଳେ ବୋଲି ଗୋପୀନାଥ କହିଛନ୍ତି।


ବୁଣାକାର ଗୋପୀନାଥ ଦାସଙ୍କ ସହ ଅନ୍ୟମାନେ।

## ମହାପ୍ରଭୁଙ୍କ ସେବାରେ ୨୨ ପରିବାର

ରାଉତପଡ଼ା ଗ୍ରାମର ଅଧିକାଂଶ ପରିବାର ବୁଣାକାର। ଗୋପୀନାଥ କୁହନ୍ତି, ବାପା ମଧୁସୂଦନ ୧୯୯୩ ମସିହାରେ ମହାପ୍ରଭୁଙ୍କ ଏହି ଅନନ୍ୟ ସେବା ପାଇବାର ସୁଯୋଗ ପାଇଥିଲେ। ଏହା ପରଠାରୁ ମହାପ୍ରଭୁଙ୍କ ରଥଯାତ୍ରା ଓ ବର୍ଷସାରା ପର୍ବପର୍ବାଣି ଲାଗି ସୂତାଲୁଗା ଓ ପାଟବସ୍ତ୍ର ଯୋଗାଇ ଆସୁଛନ୍ତି। ଏହି ସେବାରେ ଆମ ପରିବାର ସମେତ ଗ୍ରାମର ୨୨ ପରିବାରର ସଦସ୍ୟ ଲାଗିଛନ୍ତ ବୋଲି ସେ କହିଛନ୍ତି। ଗୋପୀନାଥଙ୍କ ଭାଇ ରାମଚନ୍ଦ୍ର, ଭଗବାନ ଓ ଗୋବିନ୍ଦଚନ୍ଦ୍ରଙ୍କ ପରିବାରର କୈଳାସ, ରବୀନ୍ଦ୍ର, ଅଶୋକ, ନିମାଇ ଚରଣ କୁଣ୍ଡୁ, କାର୍ତ୍ତିକେଶ୍ୱର ପାତ୍ର ପ୍ରମୁଖଙ୍କ ପରିବାର ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି। ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗିଥିବାରୁ ଅପୂର୍ବ ଆନନ୍ଦ ମିଳେ ବୋଲି ଏମାନେ କୁହନ୍ତି।

## ବୁଣିବା ବେଳେ ମହାପ୍ରଭୁଙ୍କୁ ଅନୁଭବ କରେ

ରାଉତପଡ଼ାର ବୁଣାକାର ଦିବ୍ୟାଙ୍ଗ କାର୍ତ୍ତିକେଶ୍ୱର ପାତ୍ର। ଜନ୍ମରୁ ପୋଲିଓଆକ୍ରାନ୍ତ ହୋଇଥିଲେ ମଧ୍ୟ ମାଟ୍ରିକ ପାସ୍ କରିଛନ୍ତି। ବାପାଙ୍କ ଦେହାନ୍ତ ପରେ ମାମୁ ଗୋପୀନାଥଙ୍କ ସଂସ୍ପର୍ଶରେ ଆସି ସେ ହସ୍ତତନ୍ତ ଲୁଗା ବୁଣିବା ଆରମ୍ଭ କରିଥିଲେ। ୧୫ ବର୍ଷ ବୟସରେ ସେ ମହାପ୍ରଭୁଙ୍କ ଲାଗି ପାଟବସ୍ତ୍ର ବୁଣିବା ଆରମ୍ଭ କରିଥିଲେ। ଏବେ ସେ ମହାପ୍ରଭୁଙ୍କ ବଡ଼ସିଂହାର ବେଶ ଲାଗି ଗୀତଗୋବିନ୍ଦ ଲେଖାଥିବା ପାଟବସ୍ତ୍ର ବୁଣୁଛନ୍ତି। ମହାପ୍ରଭୁଙ୍କ ଦର୍ଶନ ଲାଗି ମନ ବ୍ୟାକୁଳ ରହିଥିବା ବେଳେ ଗୀତଗୋବିନ୍ଦ ପାଟବସ୍ତ୍ର ବୁଣିବା ବେଳେ ମହାପ୍ରଭୁଙ୍କୁ ଅନୁଭବ କରେ। ଜଣେ ଦିବ୍ୟାଙ୍ଗ ହୋଇଥିବାରୁ ଚାଲିବାକୁ ଅକ୍ଷମ। ଚଳିତ ବର୍ଷ ଜଣେ ବ୍ୟକ୍ତିଙ୍କ ସହାୟତାରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିବା କାର୍ତ୍ତିକେଶ୍ୱର କହିଛନ୍ତି।

## ସେବାରେ ସମର୍ପିତ ଆସେଲି

ସ୍ୱର୍ଗତ ମଧୁସୂଦନଙ୍କ ସହଧର୍ମିଣୀ ଆସେଲି। ବୟସ ୯୩ ଛୁଇଁଲାଣି। ଅଣ୍ଟା ନଇଁଗଲାଣି, ଆଖିକୁ ଠିକ୍ ଭାବେ ଦେଖାଯାଉନାହିଁ। ପୁଅ, ନାତିନାତୁଣୀଙ୍କ ସହ ମିଶି ମହାପ୍ରଭୁଙ୍କ ଏହି ସେବାରେ ଲାଗିଛନ୍ତି। ସକାଳୁ ଉଠିବା ପରେ ଠାକୁର ପୂଜାସାରି ସକାଳ ୮ଟା ଠାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସୂତା ବୁଣିବାରେ ବ୍ୟସ୍ତ ରହିଥାନ୍ତି। ଗୋଟିଏ ଲକ୍ଷ୍ୟ ମହାପ୍ରଭୁଙ୍କ ଲାଗି ସୂତାଲୁଗା ବୁଣିବେ। ଆସେଲି କୁହନ୍ତି, ପିଲାମାନେ ଲୁଗା ବୁଣୁଛନ୍ତି, ମୁଁ ତାଙ୍କୁ ସୂତା ବୁଣି ଯୋଗାଉଛି। ମହାପ୍ରଭୁଙ୍କ ସେବାରେ ଆନନ୍ଦ ମିଳେ। ତାଙ୍କ ନାମ ସ୍ମରଣରେ ଜୀବନ ଅତିବାହିତ ହୋଇଯାଉଛି।

## ସଂକ୍ଷେପରେ

### ମହିଳାଙ୍କଠାରୁ ଝାମ୍ପିନେଲେ ସୁନାଚେନ

**ଯାଁଳା,୭।୬(ଡି.ଏନ୍.ଏ.):** ଯାଁଳା ଫାଣ୍ଡି ଅନ୍ତର୍ଗତ କେ.କେ.ପେଟ୍ରୋଲ ପମ୍ପ ନିକଟରୁ ମଙ୍ଗଳବାର ଦୁଇଜଣ ଦୁର୍ବୃତ୍ତ ଜଣେ ମହିଳାଙ୍କ ବେକରୁ ସୁନାଚେନ ଝାମ୍ପି ନେଇଛନ୍ତି। ତେବେ ଲୁଟର ଶିକାର ହୋଇଥିବା ମହିଳା ହେଲେ ଖୋର୍ଦ୍ଧା ବାସେଲିସାହିର ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ। ସୂଚନା ମୁତାବକ, ସକାଳ ୮ଟାରେ ପ୍ରିୟଙ୍କା ସ୍କୁଟିରେ କୌଣସି କାମରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଦୁଇ ଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରିବା ସହ ପେଟ୍ରୋଲ ପମ୍ପ ନିକଟରେ ପ୍ରିୟଙ୍କାଙ୍କ ବେକରୁ ସୁନାଚେନ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଏନେଇ ପ୍ରିୟଙ୍କା ଇନ୍‌ଫୋଭ୍ୟାଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଛି।

### ରାସ୍ତା ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ

**ଜଟଣୀ,୭।୬(ଡି.ଏନ୍.ଏ.):** ଜଟଣୀ ବ୍ଲକ ଛଣଘର କୁସୁମାଟି ପଞ୍ଚାୟତ ଅଧୀନ ଓଗରଶୁଆଁ ଗ୍ରାମ ଭୋଇସାହି ରାସ୍ତା ନିର୍ମାଣ କାର୍ଯ୍ୟ ମଙ୍ଗଳବାର ଆରମ୍ଭ ହୋଇଛି। ଛଣଘର କୁସୁମାଟି ସରପଞ୍ଚ ସୁବାସିନୀ ବିଶ୍ୱାଳ, ସମିତି ସଭ୍ୟା ସତ୍ୟଭାମା ରାଉତରାୟ, ନାଏବ ସରପଞ୍ଚ ବାସନ୍ତୀ ସାହୁ, ୱାର୍ଡ ସଭ୍ୟ ଚିତ୍ତରଞ୍ଜନ ସେଠୀ, ସାମାଜିକ କର୍ମୀ ବଳରାମ ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟ ଶୁଭାରମ୍ଭ ବେଳେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଦୀର୍ଘ ଦିନଧରି ଓଗରଶୁଆଁ ଗ୍ରାମର ଭୋଇସାହି ରାସ୍ତା ଖାଲଖମା ହୋଇ ରହିଥିଲା। ଫଳରେ ଲୋକେ ଯାତାୟାତ କରିବାରେ ହଇରାଣ ହେଉଥିଲେ। ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ ସରକାରଙ୍କ ବିକାଶଧାରାକୁ ଆଗେଇ ନେବା ପରିପ୍ରେକ୍ଷୀରେ ଜଟଣୀ ବ୍ଲକ ଅଞ୍ଚଳର ସମସ୍ତ ଗ୍ରାମର ବିକାଶକୁ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳିଛି।

### ଦିବ୍ୟା ସେନାଙ୍କୁ ରାଷ୍ଟ୍ରୀୟ ଜୟଦେବ ପୁରସ୍କାର

**ଭୁବନେଶ୍ୱର,୭।୬(ବ୍ୟୁରୋ):** ଭଞ୍ଜକଳା ମଣ୍ଡପରେ ମଙ୍ଗଳବାର ଜୟଦେବ ରାଷ୍ଟ୍ରୀୟ ସମାରୋହ ଉଦ୍‌ଘାଟିତ ହୋଇଛି। ଏହା ଗୁରୁବାର ପର୍ଯ୍ୟନ୍ତ ଚାଲିବ। ଦେଶର ବିଭିନ୍ନ ରାଜ୍ୟରୁ ନୃତ୍ୟଶିଳ୍ପୀମାନେ ଆସି ନୃତ୍ୟ ପରିବେଷଣ କରିଛନ୍ତି। ପ୍ରଥମ ସନ୍ଧ୍ୟାରେ ହାଇଦ୍ରାବାଦର ଡ. କିରଣମୟୀ ବୋନଲାଙ୍କ କୁଚିପୁଡ଼ି, କୋଲକାତାର ପ୍ରଣତିସ୍ଥା ମୁଖାର୍ଜୀଙ୍କ ଭାରତ ନାଟ୍ୟମ, ଚେନ୍ନାଇର ଡ. ଦିବ୍ୟା ସେନା ଭାରତ ନାଟ୍ୟମ, ବ୍ରହ୍ମପୁରର ରାଧେଶ୍ୟାମ ତାରାଇଙ୍କ କୁଚିପୁଡ଼ି, ଢେଙ୍କାନାଳର ଗୌରୀ ଶଙ୍କର ଦାସଙ୍କ ଓଡ଼ିଶୀ, କୋଲକାତାର ଆର୍ତ୍ତୟୀ ଦତ୍ତଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣରେ ଦର୍ଶକ ବିମୋହିତ ହୋଇଥିଲେ। ଏହି ଅବସରରେ ଡ. ଦିବ୍ୟା ସେନାଙ୍କୁ ରାଷ୍ଟ୍ରୀୟ ଜୟଦେବ ପୁରସ୍କାର ଏବଂ ଡ. ଗଦାଧର ମହାପାତ୍ରଙ୍କୁ ଗୀତଗୋବିନ୍ଦ ସମ୍ମାନ ପ୍ରଦାନ କରାଯାଇଥିଲା। ନ୍ୟାଶନାଲ କଲଚର ମିଶନ ଦ୍ୱାରା ଆୟୋଜିତ ଏହି ସମାରୋହରେ ଗୁରୁ ଶରତ ରଥ, ବିପିନ ସ୍ୱାଇଁ, ମାନବ ଅଧିକାର କମିଶନ ସଦସ୍ୟ ମନୋଜ ଜେନା, ପ୍ରସନ୍ନ ବିଶୋଇ ଉପସ୍ଥିତ ଥିଲେ। ଜଗବନ୍ଧୁ ଜେନାଙ୍କ ପୌରାହିତ୍ୟରେ ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା, ଆୟକର କମିଶନର ସୁରେଶ ଶିବାନନ୍ଦ ଜୟଦେବ ଅତିଥ ଭାବେ ଯୋଗଦେଇ କଳାକାରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

# ଶ୍ରୀଲିଙ୍ଗରାଜଙ୍କ ଚତୁର୍ଥୀ ନୀତି ସମ୍ପନ୍ନ

**ପୁରୁଣା ଭୁବନେଶ୍ୱର,୭।୬(ଡି.ଏନ୍.ଏ.)**

ଶୀତଳଷଷ୍ଠୀ ଅବସରରେ ମଙ୍ଗଳବାର ପ୍ରଭୁ ଶ୍ରୀଲିଙ୍ଗରାଜ ଏବଂ ମା'ପାର୍ବତୀ ଦେବଦମ୍ପତିଙ୍କ ଚତୁର୍ଥୀ ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟାଧୂପ ସରିବା ପରେ ଦେବଦମ୍ପତି ସୁସଜ୍ଜିତ ପାଲିଙ୍କିରେ ବାସୁଦେବ ମନ୍ଦିର ସମ୍ମୁଖରେ ଥିବା ବ୍ରହ୍ମାଘାଟକୁ ଯାତ୍ରା କରିଥିଲେ। ସେଠାରେ ଉକ୍ତଦିନର ପାଳିଆ ପୂଜାପଣ୍ଡା ସେବାୟତ ସ୍ନାନ ସାରି ମହାସୁଆର ସେବାୟତ ଶ୍ରୀଜୀଉଙ୍କୁ ନୂତନ ବସ୍ତ୍ର ପରିଧାନ କରିଥିଲେ। ପରେ ଶ୍ରୀଜୀଉ ବାସୁଦେବ ମନ୍ଦିରକୁ ଯାଇଥିଲେ। ସେଠାରେ ବାସୁଦେବ ସମ୍ମୁଖ ଖଟୁଲିରେ ଅବସ୍ଥାନ କରି ପଞ୍ଚ ଉପଚାର ଭୋଗ ନୈବେଦ୍ୟ ସାରି ପରେ ଭେଟ ଆଳତି କରାଯାଇଥିଲା। ଏହାପରେ ଶ୍ରୀଜୀଉ ଭଉଣୀ ଘର ବଡମଠକୁ ଯାତ୍ରା କରିଥିଲେ। ସେଠାରେ ଭୋଗ ନୈବେଦ୍ୟ ସାରି ପୂଜାପଣ୍ଡା ସେବାୟତ ଶ୍ରୀଜୀଉଙ୍କୁ ଗଇଁଠାଳ ପିନ୍ଧାଇଥିଲେ। ପରେ କାମାକ୍ଷା ଠାକୁରାଣୀଙ୍କ ସହ ଭେଟ ଆଳତି ହୋଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମନ୍ଦିର ପରିସରରେ ଥିବା ବେହରଣ ମଣ୍ଡପରେ ଖଟୁଲିରେ ବସିଥିଲେ। ପରେ ଶ୍ରୀଜୀଉଙ୍କ କୂଳ ପୁରୋହିତ ମନୋରଞ୍ଜନ ଦାଶ ଚତୁର୍ଥୀ ହୋମ ସମାପନ କରିଥିଲେ। ଏହା ପରେ ଆଡ଼କାଠ ସମ୍ମୁଖରେ ଶ୍ରୀଲିଙ୍ଗରାଜ ଏବଂ ପାର୍ବତୀଙ୍କ ମଧ୍ୟରେ କଉଡ଼ି ଖେଳ କରାଯାଇଥିଲା। ପରେ ଭେଟ ଆଳତି, ବଡ଼ସିଂହାର କରାଯାଇ ମନ୍ଦିର ପହଡ଼ ପଡିଥିଲା।

# ମନ୍ତ୍ରମୁଗ୍ଧ କଲା ପାଇକ ଆଖଡ଼ା


କଳାକାରମାନେ ପାଇକ ଆଖଡ଼ା ପରିବେଷଣ କରୁଛନ୍ତି।

**ବେଗୁନିଆ,୭।୬(ଡି.ଏନ୍.ଏ.)**

### ଗୋବିନ୍ଦପୁର ଶୀତଳଷଷ୍ଠୀ ମହୋତ୍ସବ ୩ୟ ସନ୍ଧ୍ୟା

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଯାତ୍ରା ପଡ଼ିଆରେ ଅନୁଷ୍ଠିତ ଶୀତଳଷଷ୍ଠୀ ମହୋତ୍ସବ 'ସମ୍ପର୍କ-୨୦୨୨'ର ମଙ୍ଗଳବାର ଥିଲା ତୃତୀୟ ସନ୍ଧ୍ୟା। ଏଥିରେ ଅତିଥି ଭାବେ କଂଗ୍ରେସ ଦଳର ସଚେତକ ପୃଥ୍ୱିବଲ୍ଲଭ ପଟ୍ଟନାୟକ, ସାମାଜିକ କର୍ମୀ ଅକ୍ଷୟ ପଟ୍ଟନାୟକ, ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗ୍ରାମରେ ପାଳନ ହୋଇଆସୁଥିବା ବିଭିନ୍ନ ଯାତ୍ରା, ଉତ୍ସବ ଆଦିରେ ସ୍ୱତନ୍ତ୍ରତା ରହିଛି। ସଂସ୍କୃତି ଓ ଭାଇଚାରାର ନିଦର୍ଶନ ଦେଖିବାକୁ ମିଳିଥାଏ ବୋଲି ଅତିଥି ପଟ୍ଟନାୟକ କହିଥିଲେ। ପ୍ରଥମ ପ୍ରସ୍ତୁତିରେ ଢେଙ୍କାନାଳର କସ୍ତୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଗୁରୁବନ୍ଦନା ନୃତ୍ୟାଭିନୟରୁ କଳାକାରମାନେ ନୃତ୍ୟ ଆରମ୍ଭ କରିଥିଲେ। ଦ୍ୱିତୀୟ ପ୍ରସ୍ତୁତି ଖୋର୍ଦ୍ଧାର ପାଇକ ଆଖଡା ଦଳ ବିଭିନ୍ନ କୁସ୍ତି ଓ କସରତ ପ୍ରଦର୍ଶନ କରିଥିଲା। ବନ୍ଦେ ଉତ୍କଳ ଜନନୀ ସଙ୍ଗୀତର ତାଳେତାଳେ କଳାକାରମାନେ ଅଭିନୟ କରିଥିଲେ। ପରେ କୋଟପଲ୍ଲା ଗାଁର ଘୋଡା ନାଚ, ଭୁବନେଶ୍ୱର ସ୍ଥିତ ଆରାଧନା ଡ୍ୟାନ୍ସ ଏକାଡେମୀ, ଖୋର୍ଦ୍ଧା ଡ୍ୟାନ୍ସ ଗ୍ରୁପର କଳାକାରଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି କୃତିତ୍ୱ ଅର୍ଜନ କରିଥିବା ୭ଜଣ ପ୍ରତିଭାଧାରୀଙ୍କୁ ଆୟୋଜକ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚାଷୀ ନେତା ମଦନ ମୋହନ ସାହୁ, ସଂକୀର୍ତ୍ତନ ଗାୟିକା ସବିତା ପଣ୍ଡା, ହସ୍ତକଳା ଶିଳ୍ପୀ ବାସନ୍ତୀ ମୁଦୁଲି, ସମନ୍ୱିତ କୃଷି ଡାଳିମ୍ବ ଭୁଜବଳ, ସାମାଜିକ କର୍ମୀ ବିଜୟ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ଶିକ୍ଷୟିତ୍ରୀ ବାସନ୍ତୀ ଦେଇ ଓ ସସ୍ମିତା ସେନାପତିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଥାଉ କି, ଗ୍ରାମର ଆରାଧ୍ୟ ଠାକୁର ବାଲୁଙ୍କେଶ୍ୱର ଦେବଙ୍କ ପୀଠ ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ଚାଲିଛି। ପୂର୍ବାହ୍ନରେ ସୂର୍ଯ୍ୟ ପୂଜା, ଗୋ ପୂଜା ଆଦି ଯଜ୍ଞାଚାର୍ଯ୍ୟଙ୍କ ମନ୍ତ୍ର ଉଚ୍ଚାରଣରେ ଆହୁତି ପ୍ରଦାନ କରାଯାଇଥିଲା।

# ବେଆଇନ ନିର୍ମାଣ ଭାଙ୍ଗିବାକୁ ନୋଟିସ

**ବାଲିପାଟଣା,୭।୬(ଡି.ଏନ୍.ଏ.)**

ବାଲିପାଟଣା ଓ ନରଦା ନିକଟ ନିଶ୍ଚିନ୍ତପୁରରେ ସର୍ବାସାଧାରଣ ରାସ୍ତାରୁ ଦୁଇଟି ବେଆଇନ ଗୃହ ଭଙ୍ଗାଯିବା ପରେ ଟ୍ରାଫିକ ଜାମ ରହୁଥିବା ବନମାଳିପୁର ବଜାରରେ ବେଆଇନ ନିର୍ମାଣ ଗୃହ ଭାଙ୍ଗିବା ପାଇଁ ନୋଟିସ ଜାରି ହୋଇଛି। ଆସନ୍ତା ୮ତାରିଖ ମଧ୍ୟରେ ଜବରଦଖଲକାରୀ ନ ଭାଙ୍ଗନ୍ତି ୯ ତାରିଖରେ ତହସିଲ ପ୍ରଶାସନ ପକ୍ଷରୁ ପୋଲିସ ସହାୟତାରେ ଭଙ୍ଗାଯିବ ବୋଲି ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ କହିଛନ୍ତି। ଏସଂକ୍ରାନ୍ତରେ ବଜାର କମିଟି ସଭାପତି, ସ୍ଥାନୀୟ ସରପଞ୍ଚଙ୍କୁ ନୋଟିସର ନକଲ ପ୍ରଦାନ କରାଯାଇଛି।

# ମଦ ଜବତ, ୨ ଗିରଫ

**ଖୋର୍ଦ୍ଧା ଅଫିସ,୭।୬**

ଖୋର୍ଦ୍ଧାରେ ବଢ଼ିଚାଲିଛି ଚୋରା ମଦ କାରବାର। ମଙ୍ଗଳବାର ସଦର ଅବକାରୀ ପୋଲିସ ଟାଉନ ଥାନା ଅନ୍ତର୍ଗତ ପୋଡ଼ାପୁଟ ଗ୍ରାମରେ ଚଢ଼ାଉ କରି ବିପୁଳ ପରିମାଣର ଦେଶୀ ରନ୍ଧା ମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୁମାରବସ୍ତର ପବିତ୍ର ବରାଡ଼(୩୫) ଏବଂ ମୁକ୍ତାପୁରର ଚନ୍ଦ୍ରଶେଖର ମହାରଣା। ତାଙ୍କ ନିକଟରୁ ୨୧୦ଲିଟର ଦେଶୀ ରନ୍ଧା ମଦ, ଗୋଟିଏ ବାଇକ୍, ଅଟୋ ଜବତ କରାଯାଇଛି। ଅବକାରୀ ଥାନାରେ ଦୁଇଟି ମାମଲା (ନଂ.୨୯, ୩୦/୨୨)ରୁଜୁ ହୋଇଛି। ଖୋର୍ଦ୍ଧା ଅବକାରୀ ଓଆଇସି ବି.ମନୋଜ କୁମାର, ଏସ୍‌ଆଇ ରୋହିତ କୁମାର ଦଣ୍ଡସେନାଙ୍କ ସମେତ ଏକ ଟିମ୍ ଚଢ଼ାଉରେ ସାମିଲ ହୋଇଥିଲେ।

# ୭ମ ବେତନ ପ୍ରଦାନ ନିୟମକୁ ବିରୋଧ



ବୈଠକରେ ଉପସ୍ଥିତ ଶିକ୍ଷକମାନେ।

**ଖୋର୍ଦ୍ଧା ଅଫିସ,୭।୬**

ଖୋର୍ଦ୍ଧା ଜିଲା ସ୍କୁଲ ଓ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଏକ ବୈଠକ ପଲ୍ଲା ସ୍ଥିତ ଓଷ୍ଟା ଜିଲା କାର୍ଯ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ୭ମ ବେତନ ପ୍ରଦାନ ନିୟମକୁ ବିରୋଧ କରାଯାଇଛି। ୨୦୨୨ ଜାନୁୟାରୀରେ ସରକାରଙ୍କ ପକ୍ଷରୁ ଏନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୫ମାସ ପରେ ପ୍ରକାଶିତ ବିଜ୍ଞପ୍ତିର ବ୍ୟତିକ୍ରମ କରାଯାଇଛି। ରାଜ୍ୟରେ ୭ମ ବେତନ ପାଉଥିବା ସମସ୍ତ କର୍ମଚାରୀଙ୍କ ପାଇଁ ଗୋଟିଏ ନିୟମ (ଓଆର୍‌ଏସ୍‌ପି ରୁଲ୍ -୨୦୧୭) କାର୍ଯ୍ୟକାରୀ ହୋଇଥିବା ବେଳେ ନୂତନ ନିୟମକୁ ନେଇ କର୍ମକର୍ତ୍ତାମାନେ ସମାଲୋଚନା କରିଥିଲେ। ବିଜ୍ଞପ୍ତି ପ୍ରକାଶ ପୂର୍ବରୁ ସରକାରଙ୍କ ସହିତ ଶିକ୍ଷକ, ଅଧାପକ, କର୍ମଚାରୀ ମିଳିତ ମଞ୍ଚ ଆଲୋଚନା କରିଥିଲେ। ତେବେ ସେଥିରୁ ୬୨୫ ସ୍କୁଲକୁ ବାଦ୍ ଦିଆଯାଇଥିବା ବେଳେ ବେତନ ପ୍ରଦାନ ନିୟମକୁ ପରିବର୍ତ୍ତନ କରାଯାଇଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଆସନ୍ତା ୯ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ବିକ୍ଷୋଭ ସମାବେଶରେ ଖୋର୍ଦ୍ଧା ଜିଲାରୁ ସମସ୍ତ ଶିକ୍ଷକ କର୍ମଚାରୀଙ୍କୁ ଯୋଗ ଦେବା ପାଇଁ ସଂଘ ପକ୍ଷରୁ ଆହ୍ୱାନ କରାଯାଇଛି। ଓଷ୍ଟା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିଲା ସମ୍ପାଦକ ସୁଧାକର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ, ଉପଦେଷ୍ଟା ଉପେନ୍ଦ୍ର ଦାସ, ଓଷ୍ଟାର ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ, ସହସମ୍ପାଦକ ରମାକାନ୍ତ ମହାପାତ୍ର, ସମ୍ପାଦକ ମଧୁସୂଦନ ଦେବ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶିଶିର କୁମାର ଦାସ, ପ୍ରଦୀପ ପ୍ରଧାନ, କଲେଜ ଶିକ୍ଷକ ସଂଘର ଗଦାଧର ଶତପଥୀ ଓ ପ୍ରଦୀପ କୁମାର ସାହୁ, ପ୍ରକାଶ କୁମାର ପଲେଇ, ସୁନୀଲ ପଣ୍ଡାଙ୍କ ସମେତ ବହୁ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଯୋଗଦେଇଥିଲେ।

# ଇଗଲ ୱାରିୟର, ଲକ୍ଷ୍ମୀ ୱାରିୟର ବିଜୟୀ

**ବୋଲଗଡ଼, ୭।୬(ଡି.ଏନ୍.ଏ.)**

### ଖଙ୍ଗୁରିଆ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ମିନି ଷ୍ଟାଡିୟମରେ ଚାଲିଥିବା ଖଙ୍ଗୁରିଆ ପ୍ରିମିୟର ଲିଗ୍ (କେପିଏଲ) କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ରୟାଲ ଲଭର୍ସ ଟିମ୍‌କୁ ହରାଇ ଇଗଲ ୱାରିୟର ବିଜୟୀ ହୋଇଛି। ରୟାଲ ଲଭର୍ସ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ବିନିମୟରେ ୬୮ ରନ୍ ସଂଗ୍ରହ କରିଥିଲା। ଜବାବରେ ଇଗଲ ୱାରିୟର ୮ ଓଭରରେ ୬ ଉଇକେଟ ହରାଇ ୭୦ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଏଥିରେ ବିଜୟୀ ଟିମ୍‌ର ବ୍ରହ୍ମାନନ୍ଦ ମହାପାତ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ସୋମବାର ରାନୀ ବ୍ଲାଷ୍ଟର ଓ ଲକ୍ଷ୍ମୀ ୱାରିୟର ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀ ୱାରିଅର ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ବିନିମୟରେ ୧୧୭ ରନ୍ ସଂଗ୍ରହ କରିଥିଲା। ଜବାବରେ ରାନୀ ବ୍ଲାଷ୍ଟର ଟିମ୍ ୧୦ ଓଭରରେ ୯ ଉଇକେଟ ହରାଇ ୮୪ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଏଥିରେ ଆଲୋକ କୁମାର ବେହେରା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖଙ୍ଗୁରିଆ ମା' ରାମଚଣ୍ଡୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟରେ ଖବରଦାତା ଗଙ୍ଗାଧର ଦାସ, ନିରଞ୍ଜନ ନାୟକ ଅତିଥି ଭାବେ ଯୋଗଦେଇଥିଲେ। ବବୁ ଓ ସୋନୁ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଆୟୋଜକ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# 'ଅଞ୍ଚଳ ପରିଦର୍ଶନ ସହ ଶୀଘ୍ର କାମ ଶେଷ କର'

**ଖୋର୍ଦ୍ଧା ଅଫିସ,୭।୬**

### ଜିଲା ବିକାଶ, ସମନ୍ୱୟ ଓ ତଦାରଖ କମିଟି ବୈଠକ

ଖୋର୍ଦ୍ଧା ଜିଲା ବିକାଶ, ସମନ୍ୱୟ ଓ ତଦାରଖ କମିଟି (ଡିଷ୍ଟ୍ରିକ ଡେଭଲପମେଣ୍ଟ ଆଣ୍ଡ ମନଟରିଂ କମିଟି (ଡିଡିସିଏମ୍‌ସି/ଦିସା) ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ଉନ୍ନୟନ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଦିଗନ୍ତ ରାଉତରାୟ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛ ଭାରତ ମିଶନ, ନ୍ୟାଶନାଲ ଡ୍ରିଙ୍କିଙ୍ଗ ୱାଟର ପ୍ରୋଗ୍ରାମ, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ଡିଜିଟାଲ ଇଣ୍ଡିଆ ଲ୍ୟାଣ୍ଡ ରେକର୍ଡ ମଡର୍ନ ମିଶନ ପ୍ରୋଗ୍ରାମ, ଦୀନ ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା, ଅଟଳ ମିଶନ ଫର ରିଜୋଭେନସନ ଆଣ୍ଡ ଅର୍ବାନ ଟ୍ରାନ୍ସଫର୍ମେଶନ, ହେରିଟେଜ ସିଟି ଡେଭଲପମେଣ୍ଟ ଆଣ୍ଡ ଅଗ୍‌ମେଣ୍ଟେସନ ଯୋଜନା, ସ୍ମାର୍ଟ ସିଟି ମିଶନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ନ୍ୟାଶନାଲ ହେଲଥ ମିଶନ, ସର୍ବଶିକ୍ଷା ଅଭିଯାନ, ସମନ୍ୱିତ ଶିଶୁ ବିକାଶ ଯୋଜନା, ମିଡ୍-ଡେ ମିଲ ଯୋଜନା, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା, ସଞ୍ଚାର, ରେଲୱେ, ଜାତୀୟ ରାଜପଥ, ଗ୍ରାମୀଣ ରାସ୍ତା, ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଇ-ନ୍ୟାଶନାଲ ଏଗ୍ରିକଲଚର ମାର୍କେଟ ଆଦି ବିଷୟ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଏମ୍‌ପି ଷଡ଼ଙ୍ଗୀ ସମସ୍ତ କାର୍ଯ୍ୟକୁ ତ୍ୱରିତ ଗତିରେ କରିବା ସହ ଉତ୍ତରଦାୟିତ୍ୱ ସମ୍ପର୍କରେ କହିଥିଲେ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ସମାପନ ଏବଂ କାର୍ଯ୍ୟସ୍ଥଳ ପରିଦର୍ଶନ ଲାଗି ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅଧିକାରୀମାନେ ଅଞ୍ଚଳ ବୁଲି ଏହାର ତଦାରଖ ସହ ଯୋଜନାଗୁଡିକର ଲୋକାଭିମୁଖୀ ଲାଗି କହିଥିଲେ। ଯୋଜନା ଯେପରି ଲୋକଙ୍କ ନିକଟରେ ପହଞ୍ଚିବ, ସେଥିପ୍ରତି ସମସ୍ତଙ୍କ ଦାୟିତ୍ୱ ରହିଛି। ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଅ, ତାହାର ତ୍ୱରିତ ସମାଧାନ କରିବାକୁ ଚେଷ୍ଟା କର। ଯୋଜନା ତୃଣମୂଳ ସ୍ତର ତଥା ଲୋକଙ୍କ ନିକଟରେ ପହଞ୍ଚିଲେ, ଯୋଜନା ସଫଳ ରୂପାୟନ ହୋଇପାରିବ ବୋଲି ଷଡ଼ଙ୍ଗୀ କହିଥିଲେ। ଏହି ବୈଠକରେ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।


ବୈଠକରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୮ ଜୁନ୍, ୨୦୨୨

## କୂଅରୁ ଗୋଖର ଉଦ୍ଧାର

**ଖୁଣ୍ଟୁଣୀ,(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଖଣ୍ଡୁଆଳି ଗ୍ରାମର ଅକ୍ଷୟ ନାଏକଙ୍କ କୂଅରୁ ୫ ଫୁଟ ଲମ୍ବର ଏକ ଗୋଖର ସାପକୁ ମଙ୍ଗଳବାର ସ୍ଥାନୀୟ ବନ ବିଭାଗ ଉଦ୍ଧାର କରିଛି। କୂଅରେ ସାପ ଥିବା ଦେଖି ଅକ୍ଷୟଙ୍କ ପରିବାର ଲୋକେ ଖୁଣ୍ଟୁଣୀ ବନବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି କୂଅରୁ ସାପକୁ ଉଦ୍ଧାର କରି ସଂରକ୍ଷିତ ଜଙ୍ଗଲରେ ଛାଡିଦେଇଥିବା ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ର ପାଲ ସିଂ ମାଥୁର କହିଛନ୍ତି।



## ସଂକ୍ଷେପରେ

### ମାରପିଟ୍ ଘଟଣା, ୨ଗିରଫ

**ଚୌଦ୍ୱାର,୭।୬(ଡି.ଏନ୍.ଏ.):** ମାରପିଟ୍ ଘଟଣାରେ ଚୌଦ୍ୱାର ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ କପାଳେଶ୍ୱର ନୂଆସାହିର ରାଜା ସିଂ ଓ ବାଦଲ ସିଂ। ପୋଲିସ ସୂଚନା ଅନୁଯାୟୀ, ଏହି ଅଞ୍ଚଳର ସରକାରୀ ଜମିରେ ରାଜା ସିଂ ଓ ମିଟୁ ଦଳେଇ ଘର କରି ପରିବାର ସହିତ ରହୁଥିଲେ। କୌଣସି କାରଣକୁ ନେଇ ମିଟୁ ଓ ରାଜାଙ୍କ ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ୍ ହୋଇଥିଲା। ଏଥିରେ ଉଭୟ ଆହତ ହୋଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଚିକିତ୍ସା ପାଇଁ ପଠାଇ ଘଟଣାର ତଦନ୍ତ କରିଥିଲା। ରାଜା ଓ ତାଙ୍କ ଭାଇ ବାଦଲ ମିଶି ମିଟୁଙ୍କୁ ଆକ୍ରମଣ କରିଥିବା ସ୍ତ୍ରୀ କଲ୍ୟାଣୀ ଅଭିଯୋଗ କରିଛନ୍ତି। ଅପରପକ୍ଷେ ରାଜାଙ୍କ ପରିବାର ପକ୍ଷରୁ ମଧ୍ୟ ଥାନାରେ ପାଲଟା ଅଭିଯୋଗ ହୋଇଛି। ପୋଲିସ ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ଦୁଇଟି ମାମଲା (ନଂ.୨୭୫,୨୭୬/୨୨) ରୁଜୁ କରିଛି।

### କର୍ମଶାଳାରେ କର୍ପୋରେଟର ନେବେ ତାଲିମ

**କଟକ ଅଫିସ, ୭।୬:** କଟକ ଚହଟାସ୍ଥିତ ଏକ ଘରୋଇ ହୋଟେଲରେ ବୁଧବାର କର୍ମଶାଳା ଅନୁଷ୍ଠିତ ହେବ। ଏଥିରେ ସିଏମ୍‌ସି କର୍ପୋରେଟରମାନଙ୍କୁ ବିଭିନ୍ନ ପ୍ରସଙ୍ଗରେ ତାଲିମ ଦିଆଯିବ। ନିର୍ବାଚନ ପରେ ମେୟର ଓ କର୍ପୋରେଟରମାନଙ୍କ ଭୂମିକା କ'ଣ ରହିବ, ଲୋକଙ୍କ ସମସ୍ୟା ସମାଧାନ, ବର୍ଜ୍ୟବସ୍ତୁ ସୁପରିଚାଳନା ଓ କଟକକୁ ସୁନ୍ଦର ଭାବେ ଗଢ଼ିତୋଳିବା ପାଇଁ ନେବାକୁ ଥିବା ପଦକ୍ଷେପ ଏବଂ ଆହ୍ୱାନ ସମ୍ପର୍କରେ ଏହି କର୍ମଶାଳାରେ ପ୍ରଶିକ୍ଷଣ ଦିଆଯିବ। ତାମିଲନାଡୁ, ବାଙ୍ଗାଲୋର ଓ କଲିକତାର ବିଶେଷଜ୍ଞମାନେ କର୍ପୋରେଟରମାନଙ୍କୁ ଏହି ତାଲିମ ଦେବେ। ଏହି କର୍ମଶାଳାରେ ମହାନଗର ନିଗମର ପ୍ରଶାସନିକ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ, ଯୁଗ୍ମ ସଚିବ ସାରଦା ପ୍ରସାଦ ପଣ୍ଡା, ଅତିରିକ୍ତ ସଚିବ କଲ୍ୟାଣ ରଥ, ଡେପୁଟି ସେକ୍ରେଟାରି ସୁଶାନ୍ତ ମିଶ୍ର, ମେୟର ସୁବାସ ସିଂଙ୍କ ସମେତ ଅନ୍ୟମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୂଚନାଥାଉ କି, ରାଜ୍ୟର କର୍ପୋରେଟରମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପ୍ରଥମଥର ପାଇଁ କଟକରେ ଏହି କାର୍ଯ୍ୟକ୍ରମ ହେବାକୁ ଯାଉଛି।

### 'ବିକାଶକୁ ସୁନିଶ୍ଚିତ କରିବାକୁ କେନ୍ଦ୍ର ସରକାର ବଦ୍ଧପରିକର'

**ବାଙ୍କୀ,୭।୬(ସ୍ୱ.ପ୍ର.):** ବାଙ୍କୀ ଭାଜପା କାର୍ଯ୍ୟାଳୟରେ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ତୃତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ କଟକ ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଗରିବ କଲ୍ୟାଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଏମ୍‌ପି ବିଭୁ ତରାଇ ଯୋଗଦେଇ ମୋଦି ସରକାରଙ୍କ ସୁଶାସନ ସମ୍ପର୍କରେ ଆଲୋକପାତ କରିଥିଲେ। ବିକାଶକୁ ସୁନିଶ୍ଚିତ କରିବାକୁ କେନ୍ଦ୍ର ସରକାର ବଦ୍ଧ ପରିକର ବୋଲି ସେ କହିଥିଲେ। ଆତ୍ମନିର୍ଭର ଭାରତ ଏବେ ବିଶ୍ୱଗୁରୁ ଭାବେ ଉଭା ହେବାକୁ ଯାଉଛି। ବାବା ସାହେବ ଆମ୍ବେଦକରଙ୍କ ସାମାଜିକ, ଆର୍ଥିକ ଗଣତାନ୍ତ୍ରିକ ଦୃଷ୍ଟିକୋଣକୁ ସମ୍ପୂର୍ଣ୍ଣ କରିବା ପାଇଁ କେନ୍ଦ୍ରରେ ମୋଦି ସରକାର ଅହରହ ପ୍ରୟାସ ଜାରି ରଖିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭ୍ରାଂଶୁ ମୋହନ ପାଢ଼ୀ, କଟକ ଜିଲା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି, ଆଇନଜୀବୀ ବିକ୍ରମ ଦାଶ, ଯାଜ୍ଞସିନୀ ଜେନା, ସରୋଜ ସେଠୀ ଓ ରଞ୍ଜୀବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମେୟରଙ୍କୁ ଘେରିଲେ ୱାର୍ଡବାସିନ୍ଦା

**କଟକ ଅଫିସ,୭।୬**

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୪୬ ନମ୍ବର ୱାର୍ଡ ମଙ୍ଗଳବାର ପରିଦର୍ଶନବେଳେ ମେୟର ସୁବାସ ସିଂଙ୍କୁ ସ୍ଥାନୀୟ ଲୋକେ ଘେରାଉ କରିଥିଲେ। ଏହି ୱାର୍ଡରେ ଠିକ୍ ଭାବେ ଡ୍ରେନ୍ ସଫେଇ ହେଉ ନ ଥିବା ସେମାନେ ମେୟରଙ୍କୁ ଅବଗତ କରିଥିଲେ। ଏହି ସମୟରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ମେୟର ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ସିଏମ୍‌ସିର ୪୬ ଓ ୪୮ ନମ୍ବର ୱାର୍ଡରେ ଠିକ୍ ଭାବେ ଡ୍ରେନ୍ ସଫେଇ ହେଉ ନ ଥିବା ଅଭିଯୋଗ ହୋଇଥିଲା।


ମେୟରଙ୍କୁ ବସ୍ତିବାସିନ୍ଦା ଘେରାଉ କରିଛନ୍ତି।

ଏ ନେଇ ମେୟର ସିଂ ଉକ୍ତ ୱାର୍ଡ ପରିଦର୍ଶନ କରିଥିଲେ। ୪୬ ନମ୍ବର ୱାର୍ଡର ଶିଖରପୁର ଓ କୋରପୋଖରୀ ଅଞ୍ଚଳରେ ଡ୍ରେନ୍‌ରୁ ପଙ୍କୋଦ୍ଧାର କାର୍ଯ୍ୟ ଜାରି ରହିଛି। ଟେଣ୍ଡର ମାଧ୍ୟମରେ ଏହି କାର୍ଯ୍ୟ କରାଯାଉଛି। ହେଲେ ଠିକ୍ ଭାବେ ପଙ୍କୋଦ୍ଧାର କରାଯାଉ ନ ଥିବା ନେଇ ସ୍ଥାନୀୟ ବାସିନ୍ଦା ସୋମବାର ସିଏମ୍‌ସି

### ଡ୍ରେନ୍‌ରୁ ଠିକ୍ ଭାବେ ପଙ୍କୋଦ୍ଧାର ହେଉନି

କମିଶନର ଅନନ୍ୟା ଦାସଙ୍କୁ ଭେଟି ଏକ ଦାବିପତ୍ର ଦେଇଥିଲେ। ଏ ସମ୍ପର୍କରେ ମେୟର ଜାଣିବା ପରେ ମଙ୍ଗଳବାର ଉକ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ। ସେଠାରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଓ ସ୍ଥାନୀୟ କର୍ପୋରେଟର ପ୍ରଳୟା ବେଉରା ମଧ୍ୟ ଉପସ୍ଥିତ ଥିଲେ। ଆଗକୁ ବର୍ଷାଋତୁ ଆସୁଥିବାବେଳେ ଡ୍ରେନ ସଫେଇ ଠିକ୍ ଭାବେ କରା ନ ଗଲେ ଲୋକମାନେ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହେବେ ବୋଲି ସେମାନେ କହିଥିଲେ। ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ମେୟର ସିଂ କହିଛନ୍ତି।

# 'ଓଡ଼ିଶୀ ନୃତ୍ୟ ପ୍ରତି ଦୟାନିଧିଙ୍କ ଅବଦାନ ଅତୁଳନୀୟ'

**କଟକ ଅଫିସ, ୭।୬**

ଓଡ଼ିଶୀ ନୃତ୍ୟ ପ୍ରତି ଗୁରୁ ଦୟାନିଧି ଦାସଙ୍କ ଅବଦାନ ଅତୁଳନୀୟ। ଏଥିସହ ସେ ସୁଲେଖକ, ବାଦ୍ୟବାଦକ, ଅଭିନେତା, ଆଦର୍ଶ ଶିକ୍ଷକ ଏବଂ ଜଣେ ସାମାଜିକ କର୍ମୀ ଭାବେ ଅନେକ କାର୍ଯ୍ୟ କରିଯାଇଛନ୍ତି। ୧୯୬୦ରେ ଦାସ କଳାଭବନ ପ୍ରତିଷ୍ଠା କରିଥିଲେ। ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ସ୍ୱୀକୃତି ମିଳିନାହିଁ। ଏ ଦିଗରେ ପଦକ୍ଷେପ ନେବାକୁ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ କହିଛନ୍ତି। କଟକ ଅରୁଣୋଦୟନଗରସ୍ଥିତ ଦୟାନିଧି ସ୍ମୃତି କଳା ପରିଷଦ ପରିସରରେ ଗୁରୁ ଦୟାନିଧି ଦାସଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଥିଲା। ଏଥିରେ ପ୍ରଫେସର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ସେହିପରି ଦୟାନିଧିଙ୍କ ଛାତ୍ର ନିରଞ୍ଜନ ପାଣିଗ୍ରାହୀ ଯୋଗଦେଇ ଗୁରୁଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଅନୁଷ୍ଠାନର ଉପସଭାପତି ଯୁଧିଷ୍ଠିର ପଣ୍ଡା, ଅଧ୍ୟାପକ ସୁନାକର ସାହୁ, ବୀରକିଶୋର ଦାସ, ମୀନାକ୍ଷୀ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# 'ପକ୍ଷୀ ସୁରକ୍ଷା ପ୍ରତି ଅଧିକ ଧ୍ୟାନ ଦିଆଯିବା ଆବଶ୍ୟକ'

**କଟକ ଅଫିସ, ୭।୬**

'ଦ ମ୍ୟାଜିକ୍ ଅଫ୍ ମଙ୍ଗଳାଯୋଡି' କଫି ଟେବୁଲ ବୁକ୍ ହେଉଛି ଫଟୋଗ୍ରାଫି ଜରିଆରେ ଲେଖାଯାଇଥିବା ଏକ ସୁନ୍ଦର କବିତା। ଗତ ୧୦ ବର୍ଷ ମଧ୍ୟରେ ଫଟୋଗ୍ରାଫର ଅବିନାଶ ଖେମକା ନିଜ କ୍ୟାମେରା ଓ ଅତ୍ୟାଧୁନିକ ଫଟୋଗ୍ରାଫି ଉପକରଣ ବ୍ୟବହାର କରି ଚିଲିକାର ମଙ୍ଗଳାଯୋଡିରେ ପକ୍ଷୀ ଉଡ଼ିବା ଓ ଆର୍ଦ୍ରଭୂମିର ଦୃଶ୍ୟକୁ କଏଦ କରିଛନ୍ତି। ଏହାକୁ କଫି ଟେବୁଲ ବୁକ୍ ମାଧ୍ୟରେ ଉପସ୍ଥାପନ କରିଛନ୍ତି ବୋଲି ରବିବାର କଟକ ସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଖେମକାଙ୍କ ପରିଚାଳନାରେ ଆୟୋଜିତ ସମ୍ମିଳନୀରେ ମଙ୍ଗଳାଯୋଡିର ପକ୍ଷୀ ସଂରକ୍ଷକ ତଥା ପରିବେଶବିତ୍ ନନ୍ଦ କୁମାର ଭୁଜବଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ମଙ୍ଗଳାଯୋଡିରେ କେତେଜଣ ଫଟୋଗ୍ରାଫର ପକ୍ଷୀମାନଙ୍କର ଅତି ନିକଟତର ହୋଇ ଫଟୋ ଉଠାଇବାକୁ ଉଦ୍ୟମ କରୁଛନ୍ତି। ଫଳରେ ପକ୍ଷୀମାନେ ଭୟଭୀତ ହେଉଛନ୍ତି। ପର୍ଯ୍ୟଟନ ଋତୁରେ ଏଠାରେ ପକ୍ଷୀମାନଙ୍କ ସମାଗମ ହୋଇଥାଏ। ପର୍ଯ୍ୟଟକମାନେ ବୁଲିବା ପାଇଁ ଯାଉଥିବା ଡଙ୍ଗାଗୁଡ଼ିକର କୌଣସି ନିର୍ଦ୍ଦିଷ୍ଟ ଚ୍ୟାନେଲ ରହୁନାହିଁ। ଡଙ୍ଗାଗୁଡ଼ିକ ମନଇଚ୍ଛା ଚାଲିବା ଫଳରେ ପକ୍ଷୀମାନେ ବିପଦରେ ପଡୁଛନ୍ତି। ତେଣୁ ପକ୍ଷୀମାନଙ୍କ ସୁରକ୍ଷା ପ୍ରତି ଅଧିକ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି ବୋଲି ଭୁଜବଳ କହିଛନ୍ତି। ଏଥିରେ ଜଙ୍ଗଲ ବିଭାଗର ବରିଷ୍ଠ ଅଧିକାରୀ ସମ୍ୟକ ସାମନ୍ତରାୟ, ଡ. ସଞ୍ଜୟ ଆଚାର୍ଯ୍ୟ, ମନୋଜ ମହାପାତ୍ର, ପର୍ଯ୍ୟଟନ ବିଭାଗର ଡା. ଆଦ୍ୟାଶା ଦାସ, ବିଭାଗୀୟ ନିର୍ଦ୍ଦେଶକ ସଚିନ ଆର. ଯାଦବ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ ନାୟକ, ବରିଷ୍ଠ ପୋଲିସ ଅଧିକାରୀ ମନୋଜ ଛାବ୍ରା, ବିଶିଷ୍ଟ ବ୍ୟବସାୟୀ କିଶନଲାଲ ଭରତିୟା, ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ନିର୍ଲିପ୍ତା ନନ୍ଦ ପ୍ରମୁଖ ଯୋଗଦେଇ ମଙ୍ଗଳାଯୋଡିର ପକ୍ଷୀ ସମ୍ଭାର ଉପରେ ପ୍ରକାଶିତ ଏହି କଫି ଟେବୁଲ ପୁସ୍ତକକୁ ଆମ୍ବାସାଡର ଅଫ୍ ଓଡ଼ିଶା ଭାବେ ବର୍ଣ୍ଣନା କରିଥିଲେ।

### ବନ ବିଭାଗର ଚଢ଼ାଉ, ୭୫ ଖଣ୍ଡ ଶାଳବହ୍ଲା ଜବତ

**ଖୁଣ୍ଟୁଣୀ,୭।୬(ଡି.ଏନ୍.ଏ.)**

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ରାଧାକୃଷ୍ଣପୁର ପଞ୍ଚାୟତର ହେନ୍ତେରାବାଡ଼ି ମୁଣ୍ଡାବସ୍ତି ନିକଟରୁ ଶଗଡ଼ରେ ବୋଝେଇ ହୋଇଥିବା ୭୫ ଖଣ୍ଡ ଶାଳବହ୍ଲା ବନବିଭାଗ ଜବତ କରିଛି। କେହି ଦୁର୍ବୃତ୍ତ ସ୍ଥାନୀୟ ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲରୁ ଉକ୍ତ ବହ୍ଲା କାଟିବା ପରେ ଶଗଡ଼ରେ ଆଣି ହେନ୍ତେରାବାଡ଼ିଠାରେ ଲୁଚାଇ ରଖିଥିଲେ। ଖବରପାଇ ବନ ବିଭାଗ ଚଢ଼ାଉ କରି ତାହାକୁ ଜବତ କରିଥିଲା। ଜବତ ବହ୍ଲାର ମୂଲ୍ୟ ୪୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ର ପାଲ ସିଂ ମାଥୁର ସୂଚନା ଦେଇଛନ୍ତି।

# 'ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ସାଧନା ଦରକାର'


ଶିବିରରେ ଚିତ୍ରକଳା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି।

**କଟକ ଅଫିସ, ୭।୬**

### ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର

କଥା ହିଁ ସବୁକିଛି। ଯିଏ ଭଲ କଥା କହିପାରିବ ସେ ଜୀବନରେ ସଫଳତା ପାଇପାରିବ। ଏଥିସହ ଜୀବନରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ସାଧନା ଦରକାର ବୋଲି ରେଡିଓ ଉପସ୍ଥାପକ ସୁବ୍ରତ ପତି କହିଛନ୍ତି। କଳା ବିକାଶ କେନ୍ଦ୍ର ପକ୍ଷରୁ ଆୟୋଜିତ ୬ଦିନିଆ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ଦିବସରେ ପତି ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଗୀତିକାର ଓ ସଙ୍ଗୀତ ନିର୍ଦ୍ଦେଶକ ସୁବାସ ଦାସ ଉଦ୍‌ଘାଟନ କରିଥିଲେ। ଏଥିସହ ସେ ଯୋଗଦେଇଥିବା ପିଲାମାନଙ୍କୁ ଗୀତ ଶିଖାଇଥିଲେ। ସେହିପରି ଶଶିକାନ୍ତ ରାଉତ ଓ ରବି ନାରାୟଣ ରଥ ଚିତ୍ରକଳା ବିଷୟରେ ଶିକ୍ଷା ଦେଇଥିଲେ। ଏହାପରେ ନାଟ୍ୟଶିଳ୍ପୀ ସସ୍ମିତ ପାଣି ପିଲାମାନଙ୍କୁ ନାଟକର ମୌଳିକ ଜ୍ଞାନକୌଶଳ ବିଷୟରେ ଶିକ୍ଷା ପ୍ରଦାନ କରିଥିଲେ। ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳା ବିକାଶ କେନ୍ଦ୍ରର ଉପସଭାପତି ଭକ୍ତବଲ୍ଲଭ ଦାସ, ରାଧାମୋହନ ସାହୁ, ସୁଦୀପ୍ତା ଦାସ, କାମାକ୍ଷା ପ୍ରସାଦ ମହତାବ, ଡ. ସ୍ନେହ ମିଶ୍ର, ଏ. ମହେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ୬ଟି ଜିଲାର ୧୫୨ ଜଣ ଛାତ୍ରୀଛାତ୍ର ତାଲିମ ନେଉଛନ୍ତି।

# 'ସଫଳତା ପାଇଁ କଠିନ ପରିଶ୍ରମ ଲୋଡ଼ା'


ଆଇଟିଆଇ ପରିଦର୍ଶନରେ ଆସିଥିବା ମନ୍ତ୍ରୀ ଜିବେଶ ମିଶ୍ର।

**କଟକ ଅଫିସ,୭।୬**

ଗୋଟିଏ ରାତିରେ ସଫଳତା ହାସଲ କରିହୁଏନାହିଁ। ସଫଳତା ପାଇବାକୁ ହେଲେ କଠିନ ପରିଶ୍ରମ, ମାନସିକ ସ୍ଥିରତା ଓ କର୍ମକୁ ଭଲ ପାଇବା ଆବଶ୍ୟକ। ମଙ୍ଗଳବାର କଟକ ଆଇଟିଆଇ ପରିଦର୍ଶନରେ ଆସି ବିହାରର ଶ୍ରମ, ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଜିବେଶ ମିଶ୍ର ଏଭଳି ମତବ୍ୟକ୍ତ କରିଛନ୍ତି। ସେ ଆଇଟିଆଇରେ ଉନ୍ନତମାନର ଲ୍ୟାବ ପରିଦର୍ଶନ କରିବା ସହ ଛାତ୍ରୀଛାତ୍ରମାନଙ୍କ ସହିତ ଆଲୋଚନା କରିଥିଲେ। ଶିଳ୍ପ-ଏକାଡେମୀ ସହଭାଗିତାକୁ ଏକ ପ୍ରମୁଖ ଭୂମିକା ଭାବରେ ତାଙ୍କ ରାଜ୍ୟବାସୀ ଗ୍ରହଣ କରିବେ ବୋଲି ସେ କହିଥିଲେ। ଏହି ଅବସରରେ ମନ୍ତ୍ରୀଙ୍କୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଗାନ୍ଧିଜୀଙ୍କ ଚରଖା ଉପହାର ପ୍ରଦାନ କରାଯାଇଥିଲା।

### ବୋସ୍‌ରେ ପରିଚାଳନା କମିଟି ବୈଠକ

**କଟକ ଅଫିସ,୭।୬**

ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟ(ବୋସ୍)ର ନବମ ପରିଚାଳନା କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଅଧ୍ୟକ୍ଷତା କରିଥିଲେ। ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ରାୟ କଲେଜର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ପରିଚାଳନା କମିଟିକୁ ଅବଗତ କରାଇଥିଲେ। ଚଳିତବର୍ଷ ୯୦ ପ୍ରତିଶତ ଛାତ୍ରୀଛାତ୍ରଙ୍କୁ କାଳିଆ, ପ୍ରଗତି, ବିଓସି, ଏସ୍‌ସିଏସ୍‌ଟି ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ୨୦୦ ଛାତ୍ରୀଛାତ୍ର କ୍ୟାମ୍ପସ ସିଲେକ୍ସନ ମାଧ୍ୟମରେ ନାମୀଦାମୀ କମ୍ପାନୀରେ ନିଯୁକ୍ତି ପାଇଛନ୍ତି। ଆଗକୁ ଯୋଗ୍ୟତା ଥିବା ପିଲାମାନଙ୍କୁ କ୍ୟାମ୍ପସ ସିଲେକ୍ସନ ମାଧ୍ୟମରେ ଚାକିରି ଯୋଗାଇ ଦିଆଯିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିବା ସମ୍ପର୍କରେ ରାୟ କହିଥିଲେ। ସେହିଭଳି ଚଳିତ ମାସରେ ବୈଷୟିକ ପ୍ରଦର୍ଶନୀ ଆୟୋଜନ କରାଯିବ। ଏଥିରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ କଲେଜ ଭିତ୍ତିଭୂମିର ବିକାଶ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଆର୍‌ଏସ୍‌ବିର ଟ୍ରାନ୍ସମିଶନ ଇନ୍‌ଚାର୍ଜ ରାକେଶ କୁମାର ଗୁପ୍ତା, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶକ ପ୍ରଦ୍ୟୁମ୍ନ କୁମାର ଦାସ, ସିଟିସିର ଜେନେରାଲ ମ୍ୟାନେଜର ଏଲ୍. ରାଜଶେଖର, ଜନସ୍ୱାସ୍ଥ୍ୟ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ନବକିଶୋର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଅଷ୍ଟମ ନେପାଳ ଇଣ୍ଟରନ୍ୟାଶନାଲ ଡ୍ୟାନ୍ସ ଆଣ୍ଡ୍ ମ୍ୟୁଜିକ୍ ଫେଷ୍ଟିଭାଲ ଉଦ୍‌ଯାପିତ

**କଟକ ଅଫିସ ,୭।୬**

ନେପାଳ କାଠମାଣ୍ଡୁର ପୁରାନୋ ଘର ଥିଏଟର ହଲରେ ୨ ଦିନ ଧରି ଆୟୋଜିତ ହୋଇଥିବା ୮ମ ନେପାଳ ଇଣ୍ଟରନ୍ୟାଶନାଲ ଡ୍ୟାନ୍ସ ଆଣ୍ଡ୍ ମ୍ୟୁଜିକ୍ ଫେଷ୍ଟିଭାଲ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କଟକର ଉତ୍କଳ ଯୁବ ସାଂସ୍କୃତିକ ସଂଘ ଓ ସ୍କୁଲ ଅଫ୍ ଥିଏଟର, କାଠମାଣ୍ଡୁର ମିଳିତ ଉଦ୍ୟମରେ ଆୟୋଜିତ ଫେଷ୍ଟିଭାଲରେ ଭାରତ ଓ ନେପାଳର ୧୬୦ରୁ ଅଧିକ କଳାକାର ଅଂଶଗ୍ରହଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ନେପାଳ ଲଳିତପୁରର ଏମ୍‌ପି ନବରାଜ ସିଲୱାଲ, ସମ୍ମାନିତ ଅତିଥି ଭାବେ ସ୍କୁଲ ଅଫ୍ ଥିଏଟରର ନିର୍ଦ୍ଦେଶକ ଟଙ୍କ ଚୋଲଗେନ ଓ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀଜନ ଅଧିକାରୀ ଯୋଗଦେଇଥିଲେ। ଏହି ଅବସରରେ ଲକ୍ଷ୍ମୀପ୍ରିୟା ଓଝାଙ୍କୁ ଅନ୍ତରାଷ୍ଟ୍ରୀୟ ନାଟ୍ୟ ରଚିତା, କଟକର ଦୁଇ ଭଉଣୀ ଜୋହାନା ମହାପାତ୍ର ଓ ଜେ. ମହାପାତ୍ରଙ୍କୁ ଯଥାକ୍ରମେ ଅନ୍ତଃରାଷ୍ଟ୍ରୀୟ ବାଦ୍ୟ ରାଗଶ୍ରୀ ଏବଂ ଅନ୍ତଃରାଷ୍ଟ୍ରୀୟ ବାଦ୍ୟ ରାଗିଣୀ ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିସହ କୁମାରୀ ଓଝାଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ 'ସତ୍ୟ ହିଁ ନଗ୍ନ' ପରିବେଷିତ ହୋଇଥିଲା। ନାଟକରେ ବିବେକ ନାୟକ, ଅଜୟ କୁମାର ବେହେରା ପ୍ରମୁଖ ଅଭିନୟ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଶିଳ୍ପାଦିତ୍ୟ ରଥ ଓ ସଂଯୋଜକ ଅମରେନ୍ଦ୍ର ବେଉରା ଉତ୍ସବ ପରିଚାଳନା କରିଥିଲେ।

# ପୃଥକ୍ ସଡ଼କ ଦୁର୍ଘଟଣାରେ ୪ ଆହତ

**ନିଶ୍ଚିନ୍ତକୋଇଲି,୭।୬(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ୨ଟି ପୃଥକ୍ ସଡ଼କ ଦୁର୍ଘଟଣାରେ ମଙ୍ଗଳବାର ୪ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅସୁରେଶ୍ୱର ପଞ୍ଚାୟତ ଦୀକ୍ଷିତପଡ଼ା ଗ୍ରାମର କାମଦେବ ନାୟକ ତରତ ବଜାରରେ ରାସ୍ତା ଅତିକ୍ରମ କରୁଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ନାୟକ ଗୁରୁତର ହୋଇଥିଲେ। ଅପରାହ୍ନରେ କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ପଣସ ପଡିଆ ଛକରେ ଏକ କ୍ଷୀର ଗାଡି ଠିଆ ହୋଇଥିଲା। ଏହି ସମୟରେ ଏକ ୧୦ ଚକିଆ ଟ୍ରକ ଆସି କ୍ଷୀର ଗାଡିକୁ ଧକ୍କା ଦେଇଥିଲା। ପଛରେ ଆସୁଥିବା ଏକ ଇଣ୍ଡିକା କାର ମଧ୍ୟ ଟ୍ରକ ସହ ଧକ୍କା ଦେଇଥିଲା। ଏହି ସିରିଜ ଦୁର୍ଘଟଣାରେ କେନ୍ଦ୍ରାପଡ଼ା ଅଞ୍ଚଳର ପିଙ୍କୁଲା ମଲିକ, ଝୁଲମଣି ପଣ୍ଡା, ରଶ୍ମିରଞ୍ଜନ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ, ପୋଲିସ ଓ ଦମକଳବାହିନୀ କର୍ମଚାରୀ ସେମାନଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହି ଘଟଣାରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ୨ଟି ଗାଡିକୁ ଜବତ କରିଛି।

# କ୍ରିକେଟ୍: ଚନ୍ଦନ ସୁପର କିଙ୍ଗ୍‌ସ ଚାମ୍ପିୟନ

**ତିଗିରିଆ,୭।୬(ଡି.ଏନ୍.ଏ.)**

ତିଗିରିଆ ଓ ବଡମ୍ବା ବ୍ଲକ ଅନ୍ତର୍ଗତ ମାନପୁର ଗ୍ରାମରେ ଆୟୋଜିତ ବାବୁଲା ସ୍ମାରକୀ ୬ଷ୍ଠ ମାନପୁର କ୍ରିକେଟ ପ୍ରିମିୟର ଲିଗ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଅଲେଖ ସୁପ୍ରିମ ଷ୍ଟାର୍ସକୁ ୨ ଉଇକେଟ୍‌ରେ ହରାଇ ଚନ୍ଦନ ସୁପର କିଙ୍ଗ୍‌ସ ଚାମ୍ପିୟନ ହୋଇଛି। ଅଲେଖ ସୁପ୍ରିମ ଷ୍ଟାର୍ସ ଓ ଚନ୍ଦନ ସୁପର କିଙ୍ଗ୍‌ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଅଲେଖ ସୁପ୍ରିମ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଭାଗୀରଥି ବାରିକ ୨୯ଟି ବଲରେ ସର୍ବାଧିକ ୩୮ ରନ କରିଥିଲେ। ଜବାବରେ ଚନ୍ଦନ ସୁପର କିଙ୍ଗସ ୧୯.୨ ଓଭର ଖେଳି ୮ ଉଇକେଟ୍ ହରାଇ ୧୨୯ ରନ କରିଥିଲା। ଦଳ ପକ୍ଷରୁ ବାପି ଲେଙ୍କା ୩୭ଟି ବଲ୍ ଖେଳି ସର୍ବାଧିକ ୪୬ ରନ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ଓ ଅଲେଖ ସୁପ୍ରିମ ଷ୍ଟାର୍ସକୁ ରନର୍ସ ଅଫ ଟ୍ରଫି ସହ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ବାପି ଲେଙ୍କାଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚ୍‌କୁ ଅମ୍ପାୟର ଗିରିଶ ନାୟକ ଓ ସୋମ୍ୟ ସମରେଶ ପ୍ରଧାନ ପରିଚାଳନା କରିଥିଲେ। ଜ୍ଞାନରଞ୍ଜନ ସାହୁ ମିଡିଆ ସଂଯୋଜକ ଭାବେ ଦାୟିତ୍ୱ ତୁଲାଇଥିଲେ।


ଅତିଥିଙ୍କଠାରୁ ଚାମ୍ପିୟନ ଟିମ୍‌ର ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

# ପୁନ୍ୟାଙ୍କ ନୂଆ ଠିକଣା କଲୋରାଡୋ

**କଟକ ଅଫିସ, ୭।୬**

ଯୁକ୍ତରାଷ୍ଟ୍ର ଆମେରିକା କଲୋରାଡ଼ୋ ରାଜ୍ୟର ଡେଭିଡ ଆଲାନ ହେସଲେ ଓ ତାଙ୍କ ସ୍ତ୍ରୀ ଆବି କ୍ୟାମିଲେ ହେସଲେ କଟକ ବସୁନ୍ଧରାର ଅନ୍ତେବାସିନୀ ପୁନ୍ୟା (୨)ଙ୍କୁ ପୋଷ୍ୟ ସନ୍ତାନ ଭାବେ ମଙ୍ଗଳବାର ଗ୍ରହଣ କରିଛନ୍ତି। କଟକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଉପସ୍ଥିତିରେ ଆମେରିକା ଦମ୍ପତି ପୁନ୍ୟାଙ୍କୁ ନେଇଛନ୍ତି। ଏହି ଅବସରରେ ଜିଲାପାଳ ଚୟନୀ କହିଛନ୍ତି, ପୁନ୍ୟାଙ୍କ ନୂଆ ଠିକଣା ଏବେ ଯୁକ୍ତରାଷ୍ଟ୍ର ଆମେରିକାର କଲୋରାଡ଼ୋ। ସେ ପରିବାର, ଆବାସ, ମାତାପିତା ଓ ପରିଚୟ ପାଇଛି ବୋଲି ଜିଲାପାଳ କହିଛନ୍ତି।

ସୂଚନାଯୋଗ୍ୟ, ପୁନ୍ୟାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବା ପାଇଁ ଜିଲା ଶିଶୁ କଲ୍ୟାଣ ସମିତି ୨୦୨୧ ଜାନୁୟାରୀ ୧୯ ତାରିଖରେ ବିନା ପ୍ରତିବନ୍ଧକରେ ଆମେରିକା ଦମ୍ପତିଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସେହିପରି କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସଂସାଧନ ସଂସ୍ଥା (ସିଏଆର୍‌ଏ) ଏବଂ ରାଜ୍ୟ ପୋଷ୍ୟ ସନ୍ତାନ ସଂସାଧନ ସଂସ୍ଥା (ଏସ୍‌ଏଆର୍‌ଏ) ମଧ୍ୟ ଗତ ଫେବୃୟାରୀ ୧୧ ତାରିଖରେ ଅନୁମତି ଦେଇଥିଲେ। ଏହାପରେ ପୁନ୍ୟାଙ୍କୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିବା ପାଇଁ ଜିଲାକୋର୍ଟ ହେସଲେ ଦମ୍ପତିଙ୍କୁ ଗତ ମେ' ୧୮ ତାରିଖରେ ଆଦେଶ ପ୍ରଦାନ କରିଥିଲେ। ହେସଲେ ଦମ୍ପତି ଓ ପୁନ୍ୟା ଆସନ୍ତା ୧୯ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକା ଅଭିମୁଖେ ଯାତ୍ରା କରିବେ ବୋଲି ଜଣାପଡିଛି। ହେସଲେ ଦମ୍ପତି କହିଛନ୍ତି, ପୁନ୍ୟା ସେମାନଙ୍କୁ ଖୁବ୍ ଭଲ ପାଉଛି। ସେମାନେ ମଧ୍ୟ ପୁନ୍ୟାଙ୍କୁ ତତୋଧିକ ଭଲ ପାଉଛନ୍ତି। ପୁନ୍ୟାଙ୍କୁ ଏକ ନୂତନ ଜୀବନ ଓ ଦିଗ୍‌ଦର୍ଶନ ପ୍ରଦାନ ନିମନ୍ତେ ଦୀର୍ଘଯାତ୍ରାରେ ସମସ୍ତଙ୍କ ସହଯୋଗ ସେମାନଙ୍କୁ ଅଭିଭୂତ କରିଛି।


ଜିଲାପାଳଙ୍କ କାର୍ଯ୍ୟାଳୟରେ ହେସଲେ ଦମ୍ପତି ପୁନ୍ୟାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରୁଛନ୍ତି।

### ପୋଷ୍ୟ ସନ୍ତାନ ଭାବେ ନେଲେ ଆମେରିକା ଦମ୍ପତି

